# ଅଧ୍ୟାୟ ୫

## ଭାଗ–୧

## ପାଠର ନାମ–ଓଡ଼ିଶାରେ ସ୍ୱାଧୀନତା ଆନ୍ଦୋଳନର ଇତିହାସ


୫.୦ ଉଦ୍ଦେଶ୍ୟ

୫.୧ ଉପକ୍ରମଣିକା

୫.୨ ମୂଳପାଠର ପ୍ରଥମ ଭାଗ

୫.୨.୧. ମୂଳପାଠର ପ୍ରଥମ ଭାଗ ଉପରେ ପ୍ରଶ୍ନାବଳୀ

୫.୨.୨. ମୂଳପାଠର ପ୍ରଥମ ଭାଗ ଉପରେ ବ୍ୟାକରଣଗତ ପ୍ରଶ୍ନାବଳୀ

୫.୩ ମୂଳପାଠର ଦ୍ୱିତୀୟ ଭାଗ

୫.୩.୧ ମୂଳପାଠର ଦ୍ୱିତୀୟ ଭାଗ ଉପରେ ପ୍ରଶ୍ନାବଳୀ

୫.୩.୨ ମୂଳପାଠର ଦ୍ୱିତୀୟ ଭାଗ ଉପରେ ବ୍ୟାକରଣଗତ ପ୍ରଶ୍ନାବଳୀ

୫.୪ ମୂଳପାଠର ଶେଷ ଭାଗ

୫.୪.୧ ମୂଳପାଠର ଶେଷ ଭାଗ ଉପରେ ପ୍ରଶ୍ନ

୫.୪.୨ ମୂଳପାଠର ଶେଷ ଭାଗ ଉପରେ ବ୍ୟାକରଣଗତ ପ୍ରଶ୍ନ

୫.୪.୩ ସମ୍ପୂର୍ଣ୍ଣ ମୂଳପାଠ ଉପରେ ପ୍ରଶ୍ନାବଳୀ

୫.୪.୪ ସମ୍ପୂର୍ଣ୍ଣ ମୂଳପାଠ ଉପରେ ବ୍ୟାକରଣଗତ ପ୍ରଶ୍ନାବଳୀ

୫.୫ ସାରାଂଶ

୫.୬ ଶବ୍ଦାର୍ଥ

୫.୭ ପଠନ ଅଭ୍ୟାସ

୫.୮ ଆତ୍ମପରୀକ୍ଷଣମୂଳକ ପ୍ରଶ୍ନାବଳୀର ଉତ୍ତର

୫.୯ ଉତ୍ତର ପ୍ରଦାନ ପାଇଁ ପ୍ରଶ୍ନାବଳୀ


## ୫.୦ ଉଦ୍ଦେଶ୍ୟ

୧୭୫୭ ମସିହାଠାରୁ ୧୯୪୭ ଅଗଷ୍ଟ ୧୫ ତାରିଖ ପର୍ଯ୍ୟନ୍ତ ଭାରତବର୍ଷ ଇଂରେଜମାନଙ୍କ ନିୟନ୍ତ୍ରଣାଧୀନ ଥିଲା । ଏହି ସମୟ ମଧ୍ୟରେ ଭାରତବାସୀମାନେ ରାଜନୀତିକ, ଅର୍ଥନୀତିକ, ସାମାଜିକ ଓ ସାଂସ୍କୃତିକ ପ୍ରଭୃତି କ୍ଷେତ୍ରରେ ବିପର୍ଯ୍ୟୟର ସମ୍ମୁଖୀନ ହୋଇଥିଲେ । ପ୍ରତିବାଦ କଲେ ସେମାନଙ୍କୁ ଅମାନୁଷିକ ନିର୍ଯ୍ୟାତନା ଭୋଗିବାକୁ ପଡୁଥିଲା । ଭାବ-ସଂହତି, ସଙ୍ଗଠନ ଓ ସଙ୍ଘବଦ୍ଧ ଉଦ୍ୟମ ଅଭାବରୁ ବହୁ ବର୍ଷ ଭାରତବାସୀ ନାନା ଦିଗରେ ଦୁଃଖ ଭୋଗିବା ପରେ ୧୮୫୭ ମସିହାରେ ଦେଖା ଦେଇଥିଲା ସିପାହୀ ବିଦ୍ରୋହ, ୧୮୮୫ ମସିହାରେ ଗଠିତ ହୋଇଥିଲା ଭାରତୀୟ ଜାତୀୟ କଂଗ୍ରେସ । ୧୯୧୫ ମସିହାରେ ମହାତ୍ମାଗାନ୍ଧୀ ଭାରତୀୟ ରାଜନୀତିରେ ସକ୍ରିୟ ଅଂଶ ଗ୍ରହଣ କରିବା ପରେ ଭାରତର ସ୍ୱାଧୀନତା ସଂଗ୍ରାମ ନୂଆ ମୋଡ ନେଇଥିଲା । ୧୮୮୫ ମସିହାରୁ ୧୯୦୫ ମସିହା ପର୍ଯ୍ୟନ୍ତ ସମୟକୁ କଂଗ୍ରେସ ଇତିହାସର ପ୍ରଥମ ପର୍ଯ୍ୟାୟ, ୧୯୦୬ରୁ ୧୯୧୯ ମସିହା ପର୍ଯ୍ୟନ୍ତ ସମୟକୁ ଦ୍ୱିତୀୟ ପର୍ଯ୍ୟାୟ ରୂପେ ଗ୍ରହଣ କରାଯାଇପାରେ । ୧୯୧୯ ଠାରୁ ଆରମ୍ଭ ହେଲା ତୃତୀୟ ପର୍ଯ୍ୟାୟ । ଏହି ପର୍ଯ୍ୟାୟର ନେତୃତ୍ୱ ନେଇଥିଲେ ମହାତ୍ମା ଗାନ୍ଧୀ । ତାଙ୍କର ସତ୍ୟାଗ୍ରହ ଆନ୍ଦୋଳନ ଓ ଅସହଯୋଗ ଆନ୍ଦୋଳନରେ ଯୋଗ ଦେଇଥିଲେ ଭାରତର ବିପୁଳ ସଂଖ୍ୟକ ଶିକ୍ଷିତ ଓ ଅଶିକ୍ଷିତ ଜନତା । ସେମାନଙ୍କ ମଧ୍ୟରୁ ଅନେକଙ୍କୁ ପ୍ରାଣବଳି ଦେବାକୁ ପଡ଼ିଛି, କାରାବରଣ କରିବାକୁ ପଡ଼ିଛି, ରକ୍ତପାତ କରିବାକୁ ପଡ଼ିଛି ଓ ଆର୍ଥିକ କ୍ଷତି ସହିବାକୁ ପଡ଼ିଛି ।

ଭାରତର କୋଟି କୋଟି ଜନସାଧାରଣ ଯେଉଁ ପ୍ରାଣମୂର୍ଚ୍ଛା ଆନ୍ଦୋଳନ ମାଧ୍ୟମରେ ଦେଶ ପାଇଁ ସ୍ୱାଧୀନତା ଆଣିଛନ୍ତି, ତାହାକୁ କ୍ରମେ କ୍ରମେ ଉତ୍ତରଦାୟାଦମାନେ ବିସ୍ମୃତ ହୋଇଯାଉଛନ୍ତି । ଏହା ଅତୀବ କ୍ଷୋଭ ଓ ପରିତାପର ବିଷୟ । ଆଜି ଭାରତର ପ୍ରତ୍ୟେକ ନାଗରିକ ଜାଣିରଖିବା ଉଚିତ ଯେ ସେମାନେ ଆଜି ଯେଉଁ ସାଧୀନତାର ମଧୁ ଆସ୍ୱାଦନ କରୁଛନ୍ତି, ସେଥିପାଇଁ ସେମାନଙ୍କର କେତେ ବିପଳ

ସଂଖ୍ୟକ ପୂର୍ବ ପୁରୁଷଙ୍କୁ ଲହୁଲୁହ ଢାଳିବାକୁ ହୋଇଛି । ପୂର୍ବ ସୂରୀମାନଙ୍କର ମହାନ୍ ତ୍ୟାଗର ଫଳ ହିଁ ଆଜି ଉତ୍ତରଦାୟାଦମାନେ ଭୋଗ କରୁଛନ୍ତି । ତେଣୁ ସେମାନଙ୍କ ପ୍ରତି ସ୍ୱାଧୀନ ଭାରତର ନାଗରିକମାନେ ଭକ୍ତିପୂତ ଶ୍ରଦ୍ଧାଞ୍ଜଳି ଅର୍ପଣ କରିବା ଓ ସ୍ୱାଧୀନତା ଆନ୍ଦୋଳନର ଇତିହାସ ଜାଣି ରଖିବା ପରମ କର୍ତ୍ତବ୍ୟ । ଏହି ସ୍ୱାଧୀନତା ଆନ୍ଦୋଳନରେ ଓଡ଼ିଶା ଏକ ଉଲ୍ଲେଖଯୋଗ୍ୟ ଭୂମିକା ଗ୍ରହଣ କରିଥିଲା । ତେଣୁ "ଓଡ଼ିଶାରେ ସ୍ୱାଧୀନତା ଆନ୍ଦୋଳନର ଇତିହାସ" ଶୀର୍ଷକ ପାଠର ଅବତାରଣା ।

## ୫.୧ ଉପକ୍ରମଣିକା

ଏହି ପାଠରେ ଓଡ଼ିଶାରେ ସ୍ୱାଧୀନତା ସଂଗ୍ରାମ ବିଷୟରେ ଗୋଟିଏ ପ୍ରବନ୍ଧ ଦିଆଯାଉଛି । ମହାତ୍ମା ମୋହନ ଦାସ କରମଚାନ୍ଦ ଗାନ୍ଧୀ ୧୯୨୧ ଆରମ୍ଭରୁ ୧୯୪୭ ଅଗଷ୍ଟ ପନ୍ଦର ପର୍ଯ୍ୟନ୍ତ ଭାରତୀୟ ମୁକ୍ତି ସଂଗ୍ରାମ ବା ସ୍ୱାଧୀନତା ସଂଗ୍ରାମର ନେତୃତ୍ୱ ନେଇଥିଲେ । ଓଡ଼ିଶା ଏହି ସଂଗ୍ରାମରେ ପୂର୍ଣ୍ଣ ପ୍ରାଣରେ ଯୋଗ ଦେଇଥିଲା । ଏହି ଛବିଶ ବର୍ଷ ବ୍ୟାପୀ ସଂଗ୍ରାମର କାହାଣୀ ପ୍ରବନ୍ଧଟିରେ ଅତି ସଂକ୍ଷେପରେ ବର୍ଣ୍ଣନା କରାଯାଇଛି । ଏଠାରେ ମନେ ରଖିଲେ ଭଲ ହେବ ଯେ ବିସ୍ତୃତ ବିଷୟଟିକୁ ସଂକ୍ଷେପରେ କହିବା ଗୋଟିଏ ସ୍ୱତନ୍ତ୍ର କଳା । ଅସଲ ବିଷୟଟିକୁ ଠିକ ଭାବରେ ଧରି ନ ପାରିଲେ ତାର ସାର ସାର ଅଂଶଗୁଡ଼ିକ ବାଦ ପଡ଼ିଯିବ ଏବଂ ତାଠାରୁ ଗୁରୁତ୍ୱରେ ଊଣାଥିବା କଥାର ବର୍ଣ୍ଣନା ରହିଯିବ । ଆମେ ଏହି ପ୍ରବନ୍ଧରେ ବଡ ବିଷୟଟିକୁ ସଂକ୍ଷେପରେ କହିଦେବାର କଳା ଲକ୍ଷ୍ୟ କରିପାରିବା । ଏହି ପ୍ରବନ୍ଧରେ ଅନ୍ୟ ଗୋଟିଏ ବିଶେଷତ୍ୱ ହେଲା—ତାର ଶୈଳୀ ବା ବର୍ଣ୍ଣନା କରିବାର ଢଙ୍ଗ । ଲେଖକ ଆମ ନିତିଦିନିଆ କଥାଭାଷା ଓ ଖବରକାଗଜ ଭାଷାରେ ଚଳୁଥିବା ପରିଚିତ ଶବ୍ଦଗୁଡ଼ିକ ବ୍ୟବହାର କରି ଏହି ପ୍ରବନ୍ଧଟି ଲେଖିଛନ୍ତି । ମାତ୍ର ଏହି ବ୍ୟାପକ ବିଷୟଟି ଉପରେ ଭଲ ଭାବରେ ଜାଣିବାକୁ ହେଲେ ଅନ୍ୟ କେତେକ ପ୍ରବନ୍ଧ ଓ ବହି ପଢ଼ିବା ଦରକାର । କିନ୍ତୁ ଏହି ପ୍ରବନ୍ଧରୁ ମୂଳ କଥାଟି ମନେ ରଖିଦେବା ପରେ ବିଷୟଟି ଉପରେ ଅଧିକ ତଥ୍ୟ ସଂଗ୍ରହ କରିବା ଠିକ ହେବ ।

ପ୍ରବନ୍ଧ ଲେଖକଙ୍କ ନାଁ ବିନୋଦ କାନୁନ୍‌ଗୋ । ଭାରତ ସରକାର ତାଙ୍କୁ ଦେଶର ଜଣେ ସଫଳ **ENCYCLOPAEDIA** ବା ଜ୍ଞାନ ମଣ୍ଡଳ ପ୍ରଣେତା ଭାବରେ ସମ୍ମାନ ଜଣାଇ 'ପଦ୍ମଶ୍ରୀ' ଉପାଧି ଦେଇଛନ୍ତି । ବାକ୍ୟରେ ବ୍ୟବହାର କରାଯାଇଥିବା ଇଂରାଜୀ ଏନ୍‌ସାଇକ୍ଲୋ ପେଡ଼ିଆ' ଶବ୍ଦଟା ଟିକିଏ ବୁଝାଇ ଦେବା ଦରକାର । 'ଏନ୍‌ସାଇକ୍ଲୋ' **(ENCYCLO)** ଶବ୍ଦର ଅର୍ଥ ହେଲା ମଣ୍ଡଳ ବା ବୃତ୍ତ ଏବଂ ପେଡ଼ିଆ **(PAEDIA)** ଅର୍ଥ ହେଲା—ଜ୍ଞାନ । ମଣିଷ ଧର୍ମ, ଦର୍ଶନ, ଇତିହାସ, ଅର୍ଥନୀତି, ରାଜନୀତି ବିଜ୍ଞାନ, ରସାୟନ ବିଦ୍ୟା, ପଦାର୍ଥ ବିଦ୍ୟା ପ୍ରଭୃତି ଯାବତୀୟ ବିଷୟରେ ଯେତେ ଯେତେ ଜ୍ଞାନ ଅର୍ଜନ କରିଛି ତା ବିଷୟରେ ସମସ୍ତେ ଜାଣିବା ଭଳି କିଛି କିଛି ତଥ୍ୟ ସଜାଡ଼ି ପରିବେଷଣ କରିବା ଏହି ପୁସ୍ତକ ବା ପୁସ୍ତକାବଳୀର ଉଦ୍ଦେଶ୍ୟ । ଲେଖକ ଯେଉଁ ଶୈଳୀ ବା ବିଷୟ ପ୍ରକାଶ କରିବା ଢଙ୍ଗରେ ଏହି ପ୍ରବନ୍ଧଟି ଲେଖିଛନ୍ତି, ସେହି ଶୈଳୀରେ ଉପରୋକ୍ତ ବିଷୟମାନଙ୍କ ଉପରେ ଶହ ଶହ ଛୋଟ ବଡ ପ୍ରବନ୍ଧ ଲେଖି ଉକ୍ତ ଗ୍ରନ୍ଥରେ ପ୍ରକାଶ କରିଛନ୍ତି । ଏପର୍ଯ୍ୟନ୍ତ ଏହାର ଖୋଳିଶଟି ଖଣ୍ଡ ବା ଭାଗ ପ୍ରକାଶ ପାଇ-ଲାଣି ଏବଂ ଆଉ ପଚିଶଟି ବାହାରିବା ପରେ ଏହା ଶେଷ ହେବ । ସେ ଏହାର ନାମ ରଖିଛନ୍ତି—ଜ୍ଞାନ-ମଣ୍ଡଳ । ଯେପରି ଓଡ଼ିଆ ଭାଷା ପଢ଼ିବାକୁ ଓ ଲେଖିବାକୁ ବର୍ଣ୍ଣବୋଧ ପଢ଼ିବା ବା ବର୍ଣ୍ଣ ପରିଚୟ ହେବା ଆବଶ୍ୟକ, ସେହିପରି ଜ୍ଞାନ ରାଜ୍ୟରେ ପ୍ରବେଶ କରିବା ଲାଗି ପ୍ରତ୍ୟେକ ବିଷୟରେ କିଛି କିଛି ଜାଣିବା ଆବଶ୍ୟକ । ସେ ସେଥିପାଇଁ ଏହି ବହିଟିକୁ ଜ୍ଞାନର ବର୍ଣ୍ଣବୋଧ କହନ୍ତି । ଏଥିରେ ଅଭିଧାନ ପରି ଅ, ଆ, ଇ, ଈ, ପ୍ରଭୃତି ଅକ୍ଷର କ୍ରମରେ ବିଭିନ୍ନ ବିଷୟରେ ଲେଖାଥିବା ପ୍ରବନ୍ଧଗୁଡ଼ିକ ଦିଆଯାଇଛି । ସେ ଏଥିରେ ଅସହଯୋଗ ଆନ୍ଦୋଳନ, ଅଗଷ୍ଟ ବିପ୍ଳବ, ଇଞ୍ଚୁଡ଼ି ଓ କନିକା ଆନ୍ଦୋଳନ, ଆଜାଦ୍ ହିନ୍ଦ ଫୌଜ ପ୍ରଭୃତି ସ୍ୱାଧୀନତା ସଂଗ୍ରାମର ବିଭିନ୍ନ ପର୍ଯ୍ୟାୟ ଓ ବିଷୟ ଉପରେ ଦୀର୍ଘ ପ୍ରବନ୍ଧମାନ ଲେଖିଛନ୍ତି । ସେ ଏହାଛଡ଼ା ପିଲାମାନଙ୍କ ପାଇଁ ପାଞ୍ଚଶହ ବହି ଲେଖୁଛନ୍ତି । ସେଥିମଧ୍ୟରୁ ପଚାଶଟି ଛପା ସରିଲାଣି । ସେ ଦରିଆ ଦଖଲ, ବାନ୍ଧ ତୁମ ପେଡି ପୁଟୁଳା ଓ ସୂତାଖିଅକେ ସ୍ୱରାଜ୍ୟ ଝୁଲୁଛି ବହି ତିନୋଟିରେ ସ୍ୱାଧୀନତା ସଂଗ୍ରାମର ତିନୋଟି ପର୍ଯ୍ୟାୟ (ଅସହଯୋଗ ଆନ୍ଦୋଳନ, ଲବଣ ସତ୍ୟାଗ୍ରହ ବା ଆଇନ ଅମାନ୍ୟ ଆନ୍ଦୋଳନ, ଭାରତଛାଡ଼ ଆନ୍ଦୋଳନ)କୁ ଗପ କହିବା ଢଙ୍ଗରେ ବର୍ଣ୍ଣନା କରି ଲେଖିଯାଇଛନ୍ତି । ତାଙ୍କର ଅନ୍ୟ ବହି—ମୁଠାଏ ଲୁଣ ଓ ଗୋଟାଏ ସାମ୍ରାଜ୍ୟ, ପାଠ ପଢ଼େ ପଢ଼େ ଅପାଠୁଆ, ଋଣ ପରିଶୋଧ, ଗୋପବନ୍ଧୁ, ଜାତୀୟ କବି ବୀର କିଶୋର, ରମା ଦେବୀ, ଆଚାର୍ଯ୍ୟ ହରିହର ପ୍ରଭୃତି ବହିରେ ମଧ୍ୟ ସ୍ୱାଧୀନତା ଆନ୍ଦୋଳନ ସମୟର ଅନେକ କଥା ଲେଖାଯାଇଛି । ଯେ କୌଣସି ଜଟିଳ ବିଷୟକୁ ସରଳ କରି ବୁଝାଇ ଲେଖିଦେବା ହେଲା ତାଙ୍କର ବିଶେଷତ୍ୱ । ତାଙ୍କ ବହି ଓ ପ୍ରବନ୍ଧ ପଢ଼ିଥିବା ପାଠକଙ୍କର ଏହାହିଁ ମତ । ବର୍ତ୍ତମାନ ତାଙ୍କର ପ୍ରବନ୍ଧଟି ପଢ଼ିବା, ପ୍ରବନ୍ଧ ଶେଷରେ ପ୍ରବନ୍ଧର ସାରାଂଶ, କେତେକ ଶବ୍ଦର ଅର୍ଥ ଓ ଆବଶ୍ୟକ ସ୍ଥାନରେ ତା ଉପରେ ଟିପ୍‌ପଣୀମାନ ଦିଆଯାଇଛି । ଏହା ପରେ ପରେ ଆପଣଙ୍କୁ ବିଷୟଟି ମନେ ରଖିବାରେ ଓ ଲେଖକଙ୍କର ଭାଷା ଓ ଶୈଳୀ ସହିତ ପରିଚିତ ହେବାରେ

ସାହାଯ୍ୟ କରିବା ପାଇଁ ଅନୁଶୀଳନୀ ଦିଆଯାଇଛି । ଆମେ ବର୍ତ୍ତମାନ ଲକ୍ଷ୍ୟ କରିବା—ଲେଖକ କିପରି ତଥ୍ୟଗୁଡ଼ିକୁ ଗୋଟିଏ ଗୋଟିଏ ପାରାଗ୍ରାଫମାନଙ୍କରେ ସଜାଡ଼ି ସଜାଡ଼ି ବର୍ଣ୍ଣନା କରି ଯାଉଛନ୍ତି ।

## ୫.୨ ମୂଳପାଠର ପ୍ରଥମ ଭାଗ

ପ୍ରକୃତ ଅର୍ଥରେ ଭାରତରେ ଗାନ୍ଧୀ ଯୁଗର ସ୍ୱାଧୀନତା ଆନ୍ଦୋଳନ ଆରମ୍ଭ ହୋଇଥିଲା ୧୯୨୧ ଆରମ୍ଭରେ । ତାହା ଶେଷ ହେଲା ୧୯୪୭ ଅଗଷ୍ଟ ପନ୍ଦର ତାରିଖରେ—ଯେଉଁଦିନ ବ୍ରିଟିଶ ସାମ୍ରାଜ୍ୟର ପ୍ରତୀକ ୟୁନିୟନ୍‌ଜ୍ୟାକ୍ ପତାକା ଆଉ ଭାରତର କୌଣସି ପତାକା ସ୍ତମ୍ଭରେ ଉଡ଼ିଲା ନାହିଁ ଓ ତାହା ସ୍ଥାନରେ ଶୋଭାପାଇଲା ସ୍ୱାଧୀନ ଭାରତର ତ୍ରିରଙ୍ଗ ଜାତୀୟ ପତାକା । ଓଡ଼ିଶା ଏହି ମୁକ୍ତି ସଂଗ୍ରାମରେ ପୂର୍ଣ୍ଣପ୍ରାଣରେ ଝାସ ଦେବାର୍ ଗୌରବ ଅର୍ଜନ କରିଥିଲା ।

ଏ ଦେଶର ମୁକ୍ତି ସଂଗ୍ରାମକୁ ତିନିଗୋଟି ଅଧ୍ୟାୟରେ ବିଭକ୍ତ କରାଯାଇଥାଏ । ପ୍ରଥମଟି ହେଲା 'ଅସହଯୋଗ ଆନ୍ଦୋଳନ' । ବ୍ରିଟିଶ ଜାତିର ନ୍ୟାୟ ବିଚାର ତଥା ସଦ୍‌ବୁଦ୍ଧି ଉପରୁ ମହାତ୍ମା ଗାନ୍ଧୀଙ୍କର ବିଶ୍ୱାସ ସମ୍ପୂର୍ଣ୍ଣ ଭାବରେ ତୁଟିଗଲା ୧୯୧୯ ଏପ୍ରିଲ ତେର ତାରିଖ ଦିନ । ବ୍ରିଟିଶ ସାମ୍ରାଜ୍ୟ ଘୋର ପ୍ରତାପୀ, ତା' ବିରୁଦ୍ଧରେ ଯିଏ କ୍ଷୀଣ ସ୍ୱର ମଧ୍ୟ ଉତ୍ତୋଳନ କରିବ ତାକୁ ଅତି କଠୋର ଶାସ୍ତି ମିଳିବ—ଏହି କଥାଟିକୁ ସ୍ପଷ୍ଟ ଭାବରେ ଜଣାଇ ଦେବାପାଇଁ ସେହି ଏପ୍ରିଲ ତେର ତାରିଖ ଦିନ ପଞ୍ଜାବର ଜାଲିଆନାଓ୍ୱାଲାବାଗଠାରେ ଶାନ୍ତିପୂର୍ଣ୍ଣ ଭାବରେ ଓ ପରିବେଶରେ ଥିବା ନିରୀହ ଜନତା ଉପରେ ଆଖି-ବୁଜା ଗୁଳି ଚଳାଇ ରକ୍ତର ସୁଅ ଛୁଟାଇ ଦେଇଥିଲେ ଜଣେ ଅତି ନିଷ୍ଠୁର ଗୋରା ସେନାପତି । ଗାନ୍ଧିଜୀ ଜାଣିଗଲେ—ବ୍ରିଟିଶ ସରକାର ନିଜ ଇଚ୍ଛାରେ ଭାରତୀୟମାନଙ୍କୁ କ୍ଷମତା ହସ୍ତାନ୍ତର କରିବେ ନାହିଁ ।

ଏହି ଅନୁଭୂତିରୁ ଜନ୍ମନେଲା "ଅସହଯୋଗ ଆନ୍ଦୋଳନ" । ଯେଉଁ ସରକାର ଏ ଦେଶକୁ ଶୋଷଣ କରୁଛି । ଲୋକଙ୍କର ଜୀବନ ପ୍ରତି ସମ୍ପୂର୍ଣ୍ଣ ବେଖାତିର ଭାବ ପ୍ରକାଶ କରୁଛି । ଭାରତୀୟମାନଙ୍କର ଟିକିଏ ହେଲେ ଆତ୍ମସମ୍ମାନ ଜ୍ଞାନ ନାହିଁ ବୋଲି ଧରି ନେଇଛି ସେ ସରକାରଙ୍କ ସହିତ ସହଯୋଗ କରିବା କଦାପି ଉଚିତ ନୁହେଁ—ଏହି ହେଲା ଅସହଯୋଗ ଆନ୍ଦୋଳନର ମୂଳକଥା । ତାଙ୍କରି ଆହ୍ୱାନ ଶୁଣି ଭାର-ତର ବହୁ ବିଶିଷ୍ଟ ଆଇନଜୀବୀ କୋର୍ଟ୍ କଚେରୀ ଛାଡ଼ିଦେଲେ, ବହୁସଂଖ୍ୟକ ମେଧାବୀ କଲେଜ ସ୍କୁଲ ଛାତ୍ର ପଢ଼ା ଛାଡ଼ି ଦେଲେ, ବିଲାତରୁ ଆସି ଏଠାରେ ବିକ୍ରି ହେଉଥିବା ଲୁଗା ପିନ୍ଧିଲେ ନାହିଁ । ଘରେ ଘରେ ଅରଟ ଚଳାଇ ସୂତାକାଟି ଖଦଡ ଲୁଗା ପିନ୍ଧିବା ଆରମ୍ଭ କରିଦେଲେ । ଦେଶର କୋଣେ କୋଣେ ସଭାସମିତି କରି ଲୋକଙ୍କୁ ବୁଝାଇ ଦିଆଯାଉଥାଏ—ଏ ଦେଶକୁ ପରାଧୀନତାରୁ ମୁକ୍ତ ନକଲେ ଲୋକଙ୍କର କୌଣସି ମଙ୍ଗଳ ହେବନାହିଁ ।

ସ୍ୱାଧୀନତା ଆନ୍ଦୋଳନ ଯୁଗର ଏହି ପ୍ରସ୍ତୁତି ପର୍ବରେ ଓଡିଶା ଅତି ଆଗ୍ରହର ସହିତ ଉତ୍ସାହର ସହିତ ଯୋଗ ଦେଇଥିଲା । ନାଗପୁରଠାରେ ଅସହଯୋଗ ଆନ୍ଦୋଳନ ପ୍ରସ୍ତାବକୁ କଂଗ୍ରେସ ଗ୍ରହଣ କରି-ବାକୁ ଗଲା ପରେ ଗୋପବନ୍ଧୁ ଦାସ ଓଡ଼ିଶାରେ କଂଗ୍ରେସ ସଙ୍ଗଠନ ଗଢ଼ିଲେ । ସେ ଥିଲେ ଏହାର ପ୍ରଥମ ସଭାପତି ଓ ଓକିଲାତି ଛାଡ଼ିଥିବା ଯୁବକ ଭାଗୀରଥି ମହାପାତ୍ର ପ୍ରଥମ ସମ୍ପାଦକ । ହରେକୃଷ୍ଣ ମହତାବ, ନବକୃଷ୍ଣ ଚୌଧୁରୀ, ନିରଞ୍ଜନ ପଟ୍ଟନାୟକ ପ୍ରଭୃତି ଏହି ଆନ୍ଦୋଳନରେ ଝାସ ଦେଲେ । ବହୁ ଲୋକ ଜେଲ୍ ବରଣ କଲେ । ଓଡ଼ିଶାର ଚାରିଆଡ଼େ ଉତ୍ସାହର ବାତ୍ୟା ବହିଗଲା । ମହାତ୍ମା ଗାନ୍ଧୀଙ୍କ ଉପସ୍ଥିତି ସମସ୍ତଙ୍କ ପ୍ରାଣରେ ଆଶାର ସଞ୍ଚାର କଲା । ମହାତ୍ମା ଗାନ୍ଧୀ ଗିରଫ ହୋଇଗଲେ । ଗୋପବନ୍ଧୁ ରହିଲେ ଜେଲ୍ ଭିତରେ । କ୍ରମେ ଆନ୍ଦୋଳନ ଧିମେଇ ଆସିଲା । କିନ୍ତୁ ଲୋକଙ୍କ ଦେଶପ୍ରେମର ବହ୍ନି ଲିଭିଯାଇ ନଥାଏ । ଗାନ୍ଧୀ ଓ ଗୋପବନ୍ଧୁଙ୍କ ଜେଲ୍ ମୁକ୍ତି ପରେ ଦେଶରେ ଓ ତାହା ସାଙ୍ଗେ ସାଙ୍ଗେ ଓଡିଶାରେ ପୁଣି ନୂତନ ଉନ୍ମାଦନା ଦେଖାଦେଲା ।

### ୫.୨.୧ ମୂଳପାଠର ପ୍ରଥମ ଭାଗ ଉପରେ ପ୍ରଶ୍ନାବଳୀ

୧. କେଉଁ ପରିସ୍ଥିତିରେ ଅସହଯୋଗ ଆନ୍ଦୋଳନ ଜନ୍ମ ନେଇଥିଲା ?

୨. ଅସହଯୋଗ ଆନ୍ଦୋଳନର ମୂଳ କଥାଟି କଅଣ ?

୩. ବ୍ରିଟିଶ ଶାସକ ବିରୁଦ୍ଧରେ ଅସହଯୋଗ ଆନ୍ଦୋଳନ କେଉଁ ପଦ୍ଧତିରେ ପରିଚାଳିତ ହୋଇଥିଲା ?

୪. ଅସହଯୋଗ ଆନ୍ଦୋଳନରେ ଓଡ଼ିଶା କିପରି ସହଯୋଗ କରିଥିଲା ?

୫. ଓଡ଼ିଶାରେ କଂଗ୍ରେସ ସଙ୍ଗଠନର ପ୍ରଥମ ସଭାପତି ଓ ସମ୍ପାଦକ କିଏ କିଏ ଥିଲେ ?

୬. ସ୍ୱାଧୀନତା ଆନ୍ଦୋଳନର ପ୍ରଥମ ପର୍ଯ୍ୟାୟରେ ଓଡ଼ିଶାର କେଉଁ ବ୍ୟକ୍ତିମାନେ ନେତୃତ୍ୱ ଗ୍ରହଣ କରିଥିଲେ ?

୭. ଓଡ଼ିଶାରେ ସ୍ୱାଧୀନତା ଆନ୍ଦୋଳନର ଗତି ଓ ପ୍ରଗତି କେଉଁମାନଙ୍କ ପ୍ରତ୍ୟକ୍ଷ ପ୍ରେରଣା ଉପରେ ନିର୍ଭର କରୁଥିଲା ?

**୫.୨.୨ ମୂଳପାଠର ପ୍ରଥମ ଭାଗ ଉପରେ ବ୍ୟାକରଣଗତ ପ୍ରଶ୍ନାବଳୀ -**

୧. ସନ୍ଧିବିଚ୍ଛେଦ କରନ୍ତୁ—
ସ୍ୱାଧୀନ, ସଦ୍‌ବୁଦ୍ଧି, ଉତ୍ତୋଳନ, ହସ୍ତାନ୍ତର ।

୨. ସନ୍ଧି କରନ୍ତୁ—
ସମ୍+ମାନ, ଉତ୍+ସାହ, ଉଦ୍+ମାଦନା ।

୩. ନିମ୍ନଲିଖିତ ଶବ୍ଦଗୁଡ଼ିକରେ ଥିବା ଉପସର୍ଗଗୁଡ଼ିକୁ ଚିହ୍ନାଇ ଦିଅନ୍ତୁ—
ପ୍ରକୃତ, ସାମ୍ରାଜ୍ୟ, ସଂଗ୍ରାମ, ପରିବେଶ, ଅନୁଭୂତି, ବେଆଡ଼ିର, ଅସହଯୋଗ ।

୪. ନିମ୍ନଲିଖିତ ଶବ୍ଦରେ ଥିବା ତଦ୍ଧିତ ପ୍ରତ୍ୟୟଗୁଡ଼ିକୁ ଚିହ୍ନାଇ ଦିଅନ୍ତୁ—
ଜାତୀୟ, ଗୌରବ, ଜନତା, କ୍ଷମତା, ଆଇନଜୀବୀ, ସଂଖ୍ୟକ ।

୫. ନିମ୍ନଲିଖିତ ଶବ୍ଦରେ ଥିବା କୃଦନ୍ତ ପ୍ରତ୍ୟୟଗୁଡ଼ିକୁ ଚିହ୍ନାଇ ଦିଅନ୍ତୁ—
ପ୍ରକୃତ, ଆରମ୍ଭ, ଅର୍ଜନ, ବିଭକ୍ତ, ସଦ୍‌ବୁଦ୍ଧି, ଭାବ, ବିଶ୍ୱାସ ।

## ୫.୩ ମୂଳପାଠର ଦ୍ୱିତୀୟ ଭାଗ

୧୯୨୯ ଡିସେମ୍ବର ୩୧ ତାରିଖରେ ଗୋଟିଏ ନୂତନ ଅଧ୍ୟାୟର ଆରମ୍ଭ ହୋଇଗଲା । ଲାହୋରଠାରେ କଂଗ୍ରେସର ଅଧିବେଶନ ହେଉଥାଏ । ବ୍ରିଟିଶ ସରକାରଙ୍କୁ ଜଣାଇ ଦିଆଗଲା—ଆଜି ରାତି ବାରଟା ସୁଦ୍ଧା ଯଦି ଔପନିବେଶିକ ସ୍ୱାୟତ୍ତ ଶାସନ ନହେବ କଂଗ୍ରେସ ପୂର୍ଣ୍ଣ ସ୍ୱାଧୀନତା ହାସଲ କରିବାର ଶପଥ ନେବ । ଲକ୍ଷ୍ୟ ପୂରଣ ପାଇଁ ସଂଗ୍ରାମ ଚାଲିବ । ବ୍ରିଟିଶ ସରକାର ଏହି ଦାବି ଗ୍ରହଣ କଲେ ନାହିଁ—କଂଗ୍ରେସ ପୂର୍ଣ୍ଣ ସ୍ୱାଧୀନତା ଲାଭ ପାଇଁ ଶପଥ ନେଲା । ସଂଗ୍ରାମ କିଭଳି ଭାବରେ ଓ କେବେଠାରୁ ଚାଲିବ ତାହା ସ୍ଥିର କରିବାର ଦାୟିତ୍ୱ ମହାତ୍ମା ଗାନ୍ଧୀଙ୍କ ଉପରେ ନ୍ୟସ୍ତ କରାଗଲା ।

୧୯୩୦ ଜାନୁୟାରୀ ୨୬ ତାରିଖ ଦିନ ଦେଶର ଚାରିଆଡ଼େ "ସ୍ୱାଧୀନତାର ଶପଥ" ନିଆଗଲା । ଓଡ଼ିଶାର କଟକରେ ଗୋପବନ୍ଧୁ ଚୌଧୁରୀ ସେହି ଶପଥ ପାଠ କରାଇଲେ । ଓଡ଼ିଶାବାସୀ ନିଜକୁ ପ୍ରସ୍ତୁତ କରୁଥାଆନ୍ତି । ଆଗାମୀ ସଂଗ୍ରାମରେ ଝାସ ଦେବା ପାଇଁ ମହାତ୍ମା ଗାନ୍ଧୀ ଘୋଷଣା କଲେ—ଭାରତର ଲୋକେ ଲବଣ ଆଇନ ଅମାନ୍ୟ କରିବେ । ସେ ତାଙ୍କ ସାବରମତୀ ଆଶ୍ରମରୁ ମାର୍ଚ୍ଚ ୧୨ ତାରିଖ ଦିନ ଗୁଜରାଟର ସମୁଦ୍ର କୂଳରେ ଥିବା ଦାଣ୍ଡି ଅଭିମୁଖେ ଯାତ୍ରା ଆରମ୍ଭ କଲେ । ଏପ୍ରିଲ ୬ ତାରିଖ ସକାଳେ ସେ ନିଜେ ଲବଣ ଆଇନ୍ ଅମାନ୍ୟ କଲା ମାତ୍ରେ ସମୁଦ୍ର କୂଳକୁ ଚାଲିବେ ଓ ଏପ୍ରିଲ ୧୩ ତାରିଖ ଦିନ ଚାରିଆଡ଼େ ଏକ ସଙ୍ଗରେ ସ୍ୱାଧୀନତା ସଂଗ୍ରାମର ଶଙ୍ଖଧ୍ୱନି ଶୁଣାଯିବ । ଓଡ଼ିଶାର ଇଞ୍ଚୁଡ଼ିଠାରେ ଆଚାର୍ଯ୍ୟ ହରିହର ପ୍ରଥମ ଆଇନ ଅମାନ୍ୟକାରୀ ଭାବରେ ଲବଣ ଆଇନ ଅମାନ୍ୟ କଲେ ।

ତାହାପରେ ଓଡ଼ିଶାରେ ଅଭୂତପୂର୍ବ ଜାଗରଣ ଦେଖାଦେଲା । ଶହ ଶହ, ହଜାର ହଜାର ଲୋକ ଆଇନ ଅମାନ୍ୟ କରି ଜେଲ ବରଣ କଲେ । ବହୁସଂଖ୍ୟକ ସ୍କୁଲ କଲେଜ ଛାତ୍ର ପଢ଼ା ଛାଡ଼ି ଦେଇ ସଂଗ୍ରାମ ଭୂମିରେ ମୁଣ୍ଡ ଟେକି ଠିଆ ହୋଇଗଲେ । ବିଲାତ ଲୁଗା ଦୋକାନ, ମଦ, ଅଫିମ ଦୋକାନରେ ପିକେଟିଂ କରି ଅଳ୍ପ ବୟସର ପିଲାମାନେ ବେତ ମାଡ ଖାଇଲେ । ସେମାନଙ୍କ ସାହସ ସମସ୍ତଙ୍କୁ ବିସ୍ମିତ କରିଦେଲା । ଓଡ଼ିଶାର ଜେଲଗୁଡ଼ିକ ରାଜବନ୍ଦୀମାନଙ୍କ ଦ୍ୱାରା ଭରପୂର ହୋଇଗଲାରୁ ବିହାରର ବଭିନ୍ନ ଜେଲକୁ ସେମାନଙ୍କୁ ପଠାଇ ଦିଆଗଲା ।

ଏଣେ ସଂଗ୍ରାମ ଚାଲିଥିଲା ବେଳେ ବ୍ରିଟିଶ ସରକାର ଲଣ୍ଡନଠାରେ ଗୋଟାଏ କ୍ଷମତା ହସ୍ତାନ୍ତର ପ୍ରହସନ ଚଳାଇଥାଆନ୍ତି । ତାକୁ କୁହାଯାଉଥାଏ "ଗୋଲ ଟେବୁଲ" ବୈଠକ । ଭାରତରୁ କେତେ ଜଣ ତଥାକଥିତ ଜନ-ନେତାଙ୍କୁ ସେହି ବୈଠକକୁ ଡକାଯାଇଥାଏ । ସେଠାରେ କେବଳ ଚକ୍ଷୁକୁଟା ହିଁ ହେଉଥାଏ । ଶେଷରେ ସମସ୍ତେ ଉପଲବ୍ଧି କଲେ ଯେ ଗାନ୍ଧୀଙ୍କୁ ନଡାକିଲେ କିଛି ଲାଭ ନାହିଁ ।

ଭାରତରେ ଭାଇସ୍‌ରାୟ ଆର୍‌ଉଇନ ଗାନ୍ଧୀଙ୍କ ସହିତ ଗୋଟାଏ ଅସ୍ଥାୟୀ ସନ୍ଧି ବା ଟ୍ରୁସ୍ କରି ରାଜବନ୍ଦୀମାନଙ୍କୁ ମୁକ୍ତ କରି ଦେଲେ । ଗାନ୍ଧିଜୀ କଂଗ୍ରେସ ପ୍ରତିନିଧି ଦଳର ନେତୃତ୍ୱ ନେଇ ବିଲାତ ଗଲେ ଗୋଲ୍ ଟେବୁଲ୍ ବୈଠକରେ ଯୋଗଦେବା ପାଇଁ । ଏହିଠାରେ ସ୍ୱାଧୀନତା ଆନ୍ଦୋଳନର ଦ୍ୱିତୀୟ ପର୍ବ ଶେଷ ହୋଇଗଲା ।

କିନ୍ତୁ ଗାନ୍ଧିଜୀ ଗୋଲ୍ ଟେବୁଲ ବୈଠକରୁ ନିରାଶ ହୋଇ ଫେରିଲେ । ସେ ଭାରତରେ ପହଞ୍ଚିଲା ମାତ୍ରେ ତାଙ୍କୁ ଗିରଫ କରି ନିଆହେଲା ଓ କଂଗ୍ରେସ ଅନୁଷ୍ଠାନକୁ ବେଆଇନ ଘୋଷଣା କରି- ଦିଆହେଲା । ଚାରିଆଡ଼େ ପ୍ରଚଣ୍ଡ ଦମନ ଲୀଳା । ହଜାର ହଜାର ଲୋକଙ୍କୁ ଜେଲଦଣ୍ଡ । ଏକଥା ଠିକ୍ ଯେ କେତେ ମାସ ପରେ ଆନ୍ଦୋଳନରେ ମଉଳନ ଦେଖାଦେଲା ।

ଏମିତି ଚାଲିଲା ୧୯୩୭ ପର୍ଯ୍ୟନ୍ତ । ସୀମିତ କ୍ଷମତା ହସ୍ତାନ୍ତର କରିବା ଉଦ୍ଦେଶ୍ୟରେ ଯେଉଁ ନିର୍ବାଚନ କରାଗଲା, ସେ ନିର୍ବାଚନରେ କଂଗ୍ରେସ ବହୁ ପ୍ରଦେଶରେ ଜୟଯୁକ୍ତ ହୋଇ ମନ୍ତ୍ରୀତ୍ୱ ଗ୍ରହଣ କଲା । ଅବସ୍ଥା ଏହିଭଳି ଥିଲାବେଳେ ଦ୍ୱିତୀୟ ବିଶ୍ୱଯୁଦ୍ଧ ଆରମ୍ଭ ହୋଇଯାଏ ୧୯୩୯ ସେପ୍ଟେମ୍ବର ତିନି ତାରିଖ ଦିନ । ଲୋକ ପ୍ରତିନିଧିମାନଙ୍କ ମତ ନ ନେଇ ଭାରତକୁ ବ୍ରିଟିଶ ସରକାର ଯୁଦ୍ଧରେ ସାମିଲ କରିଦେବାରୁ କଂଗ୍ରେସ ଶାସିତ ପ୍ରଦେଶଗୁଡ଼ିକରୁ ମୁଖ୍ୟମନ୍ତ୍ରୀମାନେ ଇସ୍ତଫା ଦେଇଦେଲେ । ଓଡ଼ିଶାର ମୁଖ୍ୟମନ୍ତ୍ରୀ ବିଶ୍ୱନାଥ ଦାଶ ମଧ୍ୟ ସେହିଭଳି କଲେ ।

**୫.୩.୧ ମୂଳପାଠର ଦ୍ୱିତୀୟ ଭାଗ ଉପରେ ପ୍ରଶ୍ନାବଳୀ—**

୧. ଲାହୋର କଂଗ୍ରେସ ଅଧିବେଶନ (୧୯୨୯ ଡିସେମ୍ବର ୩୧ ତାରିଖ)ର ଗୁରୁତ୍ୱ କଣ ?

୨. କେବେ ଦେଶର ସର୍ବତ୍ର "ସ୍ୱାଧୀନତାର ଶପଥ" ନିଆଯାଇଥିଲା ଏବଂ ଓଡ଼ିଶାରେ କିଏ ସ୍ୱାଧୀନତା ସଂଗ୍ରାମୀମାନଙ୍କୁ ଏହି ଶପଥ ପାଠ କରାଇଥିଲେ ?

୩. ଲବଣ ସତ୍ୟାଗ୍ରହ କେବେ ପ୍ରଥମେ କେଉଁଠାରେ ଆରମ୍ଭ ହୋଇଥିଲା ଓ ଓଡ଼ିଶାରେ ପ୍ରଥମେ କେଉଁଠାରେ ଦେଖାଦେଇଥିଲା ?

୪. ଲବଣ ଆଇନ୍ ଅମାନ୍ୟକାରୀଙ୍କ ମଧ୍ୟରେ ପ୍ରଥମ ଓଡ଼ିଆ କିଏ ?

୫. ଲବଣ ସତ୍ୟାଗ୍ରହ ପରେ ଓଡ଼ିଶାରେ କିପରି ନୂତନ ଜାଗରଣ ଦେଖାଦେଇଥିଲା ବର୍ଣ୍ଣନା କରନ୍ତୁ ?

**୫.୩.୨ ମୂଳପାଠର ଦ୍ୱିତୀୟ ଭାଗ ଉପରେ ବ୍ୟାକରଣଗତ ପ୍ରଶ୍ନାବଳୀ –**

୧. ନିମ୍ନଲିଖିତ ଶବ୍ଦଗୁଡ଼ିକରେ କେଉଁ କେଉଁ ପ୍ରତ୍ୟୟ ଯୁକ୍ତ ହୋଇଅଛି ଚିହ୍ନାଇ ଦିଅନ୍ତୁ—
ଔପନିବେଶିକ, ଦାୟିତ୍ୱ, ନ୍ୟସ୍ତ, ଅମାନ୍ୟ, ଜାଗରଣ, ବିସ୍ମିତ, ଉପଲବ୍ଧି ।

୨. ବ୍ୟାସବାକ୍ୟ ସହ ସମାସ ନିର୍ଣ୍ଣୟ କରନ୍ତୁ—
ସ୍ୱାୟତ୍ତ, ଶଙ୍ଖଧ୍ୱନି, ହସ୍ତାନ୍ତର, ଜନନେତା, ଅସ୍ଥାୟୀ, ଜେଲଦଣ୍ଡ, ମୁଖ୍ୟମନ୍ତ୍ରୀ, ଚକ୍ଷୁକୁଟା

୩. ନିମ୍ନଲିଖିତ ଶବ୍ଦ ବ୍ୟବହାର କରି ବାକ୍ୟଗଠନ କରନ୍ତୁ—
ଅଧ୍ୟାୟ, ତ୍ରାସ, ଅଭୂତପୂର୍ବ, ଭରପୂର, ପ୍ରହସନ, ଉପଲବ୍ଧି ।

୪. ନିମ୍ନଲିଖିତ ରୂଢ଼ି ପ୍ରୟୋଗଗୁଡ଼ିକର ଅର୍ଥ ଲେଖି ବାକ୍ୟରେ ବ୍ୟବହାର କରନ୍ତୁ—
ମୁଣ୍ଡଟେକି ଠିଆ ହେବା, ଚକ୍ଷୁକୁଟା, ମଉଳନ ଦେଖାଦେବା ।

## ୫.୪ ମୂଳପାଠର ଶେଷ ଭାଗ

ଶେଷ ସଂଗ୍ରାମ ପାଇଁ ପ୍ରସ୍ତୁତି ଚାଲିଲା । ଓଡ଼ିଶାରୁ ବହୁ ଲୋକ ସେଥିରେ ଯୋଗଦେଲେ । ଶେଷ ଚମକ ଖେଳିଲା ଯେତେବେଳେ ଗାନ୍ଧିଜୀ ଘୋଷଣା କରିଦେଲେ—"ଜାତିଟା ପ୍ରସ୍ତୁତ ହୋଇଯାଉ 'କର ବା ମର' ପାଇଁ । ଶେଷ ରକ୍ତ ବିନ୍ଦୁ ଦେଇ ଶେଷ ସଂଗ୍ରାମ ଚାଲିବ । ତାକୁହିଁ କୁହାଯାଏ ଭାରତ ଛାଡ଼ ଆନ୍ଦୋଳନ ।

୧୯୪୨ ଅଗଷ୍ଟ ନଅ ତାରିଖ ଭୋରବେଳା ମହାତ୍ମା ଗାନ୍ଧୀଙ୍କ ସମେତ ଭାରତର ଶହ ଶହ ଲୋକଙ୍କୁ ଗିରଫ କରି ନିଆଗଲା । ଦେଶର ଚାରିଆଡ଼େ ବିଦ୍ରୋହର ନିଆଁ ଜଳି ଉଠିଲା । ଓଡ଼ିଶା ସେହି ଶେଷ ସଂଗ୍ରାମରେ ଯେଉଁ ଅକଳ୍ପନୀୟ ବୀରତ୍ୱ ଦେଖାଇଲା ତାହା ଭାରତର ସ୍ୱାଧୀନତା ସଂଗ୍ରାମର ଇତିହାସରେ ସ୍ୱର୍ଣ୍ଣାକ୍ଷରରେ ଲିପିବଦ୍ଧ ହୋଇ ରହିବ । ଓଡ଼ିଶାର ବହୁ ସ୍ଥାନରେ ଲୋକେ ଗୋଟାଏ

ଗୋଟାଏ ଅଞ୍ଚଳରେ ସ୍ୱାଧୀନତା ଘୋଷଣା କରିଦେଲେ । ପୋଲିସ ଆଖିବୁଜା ଗୁଳି ଚଳାଇ ବହୁ ନିରୀହ ଲୋକଙ୍କୁ ନିର୍ମମ ଭାବରେ ହତ୍ୟା କଲେ । କୋରାପୁଟର ଆଦିବାସୀମାନେ ଅଦ୍‌ଭୁତ ବୀରତ୍ୱ ଦେଖାଇ ଥିଲେ । ସେମାନଙ୍କର ନେତା ଲକ୍ଷ୍ମଣ ନାୟକଙ୍କୁ ଗୋଟିଏ ମିଥ୍ୟା ମକଦ୍ଦମାରେ ପକାଇ ଫାଶୀଖୁଣ୍ଟରେ ଝୁଲାଇ ଦିଆଗଲା । ବାଲେଶ୍ୱରର ଇରମଠାରେ ପୁଲିଶ ଦେଶପ୍ରେମୀଙ୍କ ରକ୍ତରେ ହୋରି ଖେଳିଲେ । ଜଣେ ବିଧବା ମହିଳା ପୁଲିଶ ବୁଲିକୁ ଛାଡ଼ି ପଳାଇ ନଯିବାରୁ ତାଙ୍କୁ ଗୁଳିକରି ମାରି ଦିଆଗଲା । ଜେଲ ଦଣ୍ଡ, ଲାଠିମାଡ଼, ଗୁଳି ଚାଳନା, ସମୂହ ଜୋରିମାନା, ନାନା ପ୍ରକାରର ଅତ୍ୟାଚାର ହୋଇଗଲା ଦୈନନ୍ଦିନ ବ୍ୟାପାର । ମହିଳାମାନେ ଆଗେଇ ଆସିଲେ । ଅବିବାହିତା ଝିଅ, ନବ ବିବାହିତା ବଧୂ, ଗାଁ ଗହଳର ବୃଦ୍ଧା ବିଧବାମାନେ ଆସି ରଣ କ୍ଷେତ୍ରରେ ଠିଆ ହୋଇଗଲେ । ସେମାନଙ୍କୁ ବର୍ଷ ବର୍ଷ ଧରି ଜେଲ୍ ଦଣ୍ଡ ଭୋଗିବାକୁ ପଡ଼ିଲା । ସେହିମାନଙ୍କ ତ୍ୟାଗ ପାଇଁ ଓଡ଼ିଶା ଗୌରବ ଅନୁଭବ କରେ ।

୧୯୨୧ରେ ଆରମ୍ଭ ହୋଇ ୧୯୪୭ରେ ଶେଷ ହୋଇଥିବା ସ୍ୱାଧୀନତା ସଂଗ୍ରାମରେ ଓଡ଼ିଶା ଯେଉଁ ବୀରତ୍ୱପୂର୍ଣ୍ଣ ଅଂଶ ଗ୍ରହଣ କରିଥିଲା ତାହାର ଏହିଥିଲା ଅତି ସଂକ୍ଷିପ୍ତ ଇତିହାସ ।

### ୫.୪.୧ ମୂଳପାଠର ଶେଷ ଭାଗ ଉପରେ ପ୍ରଶ୍ନ

୧. ସ୍ୱାଧୀନତା ସଂଗ୍ରାମର ଶେଷ ପର୍ଯ୍ୟାୟରେ ଗାନ୍ଧିଜୀ କଣ ଘୋଷଣା କରିଥିଲେ ?

୨. ୧୯୪୭ ଅଗଷ୍ଟ ନଅ ତାରିଖରେ ବିଦ୍ରୋହ କାହିଁକି ପ୍ରଚଣ୍ଡତର ହୋଇଥିଲା ?

୩. ସ୍ୱାଧୀନତା ସଂଗ୍ରାମର ଶେଷ ପର୍ଯ୍ୟାୟରେ ଓଡ଼ିଶା କିପରି ନିଜର ବୀରତ୍ୱ ଦେଖାଇଥିଲା ?

୪. ସ୍ୱାଧୀନତା ସଂଗ୍ରାମକୁ ଲକ୍ଷ୍ମଣ ନାୟକଙ୍କ ଅବଦାନ କ'ଣ ଥିଲା ?

୫. ଓଡ଼ିଶାର ମହିଳାମାନଙ୍କ ଉପରେ ବ୍ରିଟିଶ ସରକାର କିପରି ନିର୍ଯ୍ୟାତନା ଚଳାଇଥିଲେ ?

### ୫.୪.୨ ମୂଳପାଠର ଶେଷ ଭାଗ ଉପରେ ବ୍ୟାକରଣଗତ ପ୍ରଶ୍ନ

୧. କର୍ତ୍ତୃବାଚ୍ୟକୁ କର୍ମବାଚ୍ୟରେ ଓ କର୍ମବାଚ୍ୟକୁ କର୍ତ୍ତୃବାଚ୍ୟରେ ପରିଣତ କରନ୍ତୁ—
(କ) ଗାନ୍ଧିଜୀ ଏକ ମହାନ୍ ସନ୍ଦେଶ ଘୋଷଣା କରିଥିଲେ ।
(ଖ) ମହାତ୍ମା ଗାନ୍ଧୀଙ୍କ ସମେତ ଭାରତର ଶହ ଶହ ଲୋକଙ୍କୁ ଗିରଫ କରି ନିଆଗଲା ।

୨. ନିମ୍ନଲିଖିତ ପ୍ରତ୍ୟକ୍ଷୋକ୍ତିକୁ ପରୋକ୍ଷୋକ୍ତିରେ ଓ ପରୋକ୍ଷୋକ୍ତିକୁ ପ୍ରତ୍ୟକ୍ଷୋକ୍ତିରେ ପରିଣତ କରନ୍ତୁ—
(କ) ଗାନ୍ଧିଜୀ ଘୋଷଣା କରିଦେଲେ—"ଜାତିଟା ପ୍ରସ୍ତୁତ ହୋଇଯାଉ 'କର ବା ମର' ପାଇଁ ।
(ଖ) ଶେଷ ରକ୍ତ ବିନ୍ଦୁ ଦେଇ ଶେଷ ସଂଗ୍ରାମ ଚାଲୁରଖିବାକୁ ମହାତ୍ମା ଗାନ୍ଧୀ ଆହ୍ୱାନ ଦେଇଥିଲେ ।

୩. ନିମ୍ନଲିଖିତ ଶବ୍ଦଗୁଡ଼ିକର ଅର୍ଥ ଲେଖି ବାକ୍ୟରେ ବ୍ୟବହାର କରନ୍ତୁ—
ସମେତ, ଅକଳ୍ପନୀୟ, ସ୍ୱର୍ଣ୍ଣାକ୍ଷର, ଆଖିବୁଜା ।

### ୫.୪.୩ ସମ୍ପୂର୍ଣ୍ଣ ମୂଳପାଠ ଉପରେ ପ୍ରଶ୍ନାବଳୀ

୧. ୧୯୧୯ ଏପ୍ରିଲ ୧୩ ତାରିଖ ଦିନ ବ୍ରିଟିଶ ଜାତି ଉପରୁ ମହାତ୍ମା ଗାନ୍ଧୀଙ୍କର ବିଶ୍ୱାସ କାହିଁକି ସମ୍ପୂର୍ଣ୍ଣ ଭାବରେ ତୁଟିଗଲା ?

୨. ମହାତ୍ମା ଗାନ୍ଧୀଙ୍କ ପ୍ରବର୍ତ୍ତିତ ଅସହଯୋଗ ଆନ୍ଦୋଳନରେ ଭାରତର ବିଭିନ୍ନ ଶ୍ରେଣୀର ବ୍ୟକ୍ତିବର୍ଗ କିପରି ଭାବରେ ସହଯୋଗ କରିଥିଲେ ?

୩. ୧୯୨୯ ଡିସେମ୍ବର ୩୧ ତାରିଖରେ ଅନୁଷ୍ଠିତ କଂଗ୍ରେସ ଅଧିବେଶନ କି ନିଷ୍ପତ୍ତି ନେଇଥିଲା ?

୪. ଗୋଲଟେବୁଲ ବୈଠକର ପରିଣତି କ'ଣ ହେଲା ?

୫. କୋରାପୁଟର ଆଦିବାସୀମାନେ ସ୍ୱାଧୀନତା ସଂଗ୍ରାମରେ କେଉଁ ଭୂମିକା ଗ୍ରହଣ କରିଥିଲେ ?

### ୫.୪.୪ ସମ୍ପୂର୍ଣ୍ଣ ମୂଳପାଠ ଉପରେ ବ୍ୟାକରଣଗତ ପ୍ରଶ୍ନାବଳୀ

୧. ନିମ୍ନଲିଖିତ ଶବ୍ଦଗୁଡ଼ିକର ମୂଳ ସଂସ୍କୃତ ଶବ୍ଦ ନିରୂପଣ କରନ୍ତୁ—
ପୂରଣ, ପରଷଣ, ସଦବୁଦ୍ଧି, ଭକତ, ପଦ୍ମା, ବିକ୍ରି, ସୂତା ।

୨. ନିମ୍ନଲିଖିତ ଶବ୍ଦଗୁଡ଼ିକର ବିପରୀତାର୍ଥବୋଧକ ଶବ୍ଦ ଲେଖନ୍ତୁ—
ଜାତୀୟ, ଗୌରବ, ବିଭକ୍ତ, ଉତ୍ତୋଳନ, ନିଷ୍ଠୁର, କ୍ଷମତା, ଆତ୍ମସମ୍ମାନ ।

୩. ଏକପଦରେ ପରିଣତ କରନ୍ତୁ—

ନାହିଁ ଖାତିର ଯାହାର, ମେଧା ଅଛି ଯାହାର, ଉପନିବେଶ ସମ୍ପର୍କୀୟ, ମହାନ ଆତ୍ମା ଯାହାଙ୍କର, ପୂର୍ବେ ଯାହା ଭୂତ (ଘଟିତ) ହୋଇନଥିଲା ।

୪. ଭ୍ରମ ଥିଲେ ସଂଶୋଧନ କରନ୍ତୁ—

ସତ୍‌ବୁଦ୍ଧି, ଆଇନଜୀବି, ସୁତାକଟା, ଧୀମେଇ, ସାୟତ୍ତ, ଦାୟୀତ୍ୱ, ନିରିହ ।

୫. ନିମ୍ନଲିଖିତ ରୂଢ଼ି ପ୍ରୟୋଗଗୁଡ଼ିକର ଅର୍ଥ ଲେଖନ୍ତୁ—

ଆଖିବୁଜା, ସଂଗ୍ରାମର ଶଙ୍ଖଧ୍ୱନି, ସ୍ୱର ଉତ୍ତୋଳନ କରିବା ।

## ୫.୫ ସାରାଂଶ

ଜାଲିଆନାୱାଲାବାଗ୍ ହତ୍ୟାକାଣ୍ଡ ବ୍ରିଟିଶ ସରକାରଙ୍କର ବିଭତ୍ସ ରୂପକୁ ପଦାରେ ପକାଇ ଦେଲା । ଗାନ୍ଧିଜୀ କଂଗ୍ରେସର ନାଗପୁର ଅଧିବେଶନରେ ଏହି ସରକାର ସହିତ ଅସହଯୋଗ ଆନ୍ଦୋଳନ କରିବାକୁ ଡାକରା ଦେଲେ । ୧୯୨୧ରୁ ଆନ୍ଦୋଳନ ଆରମ୍ଭ ହେଲା । ଓଡ଼ିଶାରେ ଗୋପବନ୍ଧୁଙ୍କ ନେତୃତ୍ୱରେ ଏହା ଚାଲିଥିଲା । ବହୁ ଓକିଲ, କର୍ମଚାରୀ, ଛାତ୍ର, କଚେରୀ, ସରକାରୀ ଚାକିରି, ସ୍କୁଲ କଲେଜ ବର୍ଜନ କରି ଏଥିରେ ଯୋଗ ଦେଲେ । ସେମାନେ ଖଦି ପରିଧାନ ଓ ପ୍ରଚାର କରିବା ସଙ୍ଗେ ବିଦେଶୀ ଲୁଗା ବର୍ଜନ କଲେ । ପରାଧୀନତାରୁ ମୁକ୍ତି ଲାଗି ଦେଶବାସୀଙ୍କୁ ଡାକରା ଦିଆଗଲା । ଓଡ଼ିଶାରୁ ବହୁ ଲୋକ ଏଥିରେ ବନ୍ଦୀ ହୋଇଛନ୍ତି ଓ ନାନା ଦଣ୍ଡ ଭୋଗ କରିଛନ୍ତି । ଏହା ସ୍ୱାଧୀନତା ସଂଗ୍ରାମର ପ୍ରସ୍ତୁତି ପର୍ବ ।

୧୯୩୦ରୁ ପୂର୍ଣ୍ଣ ସ୍ୱାଧୀନତା ଲାଭ ପାଇଁ ଆନ୍ଦୋଳନ ଆରମ୍ଭ ହେଲା । ଗୋପବନ୍ଧୁ ଚୌଧୁରୀ ଏହି ବର୍ଷ କଟକଠାରେ ଏକ ସଭାରେ ପୂର୍ଣ୍ଣ ସ୍ୱାଧୀନତା ଲାଭ ଲାଗି ଶପଥ ପାଠ କରାଇଲେ । ଆଚାର୍ଯ୍ୟ ହରିହର ବାଲେଶ୍ୱରର ଇଞ୍ଚୁଡ଼ିଠାରେ ପ୍ରଥମେ ଲବଣ ଆଇନ ଅମାନ୍ୟ କଲେ ଓ ତାଙ୍କ ସହ ସେଠାରେ ଶହ ଶହ ଲୋକ ଏହି ଆଇନ ଭଙ୍ଗ କଲେ । ଓଡ଼ିଶାରୁ ହଜାର ହଜାର ଲୋକ ଏହି ଆନ୍ଦୋଳନରେ ଯୋଗଦେଇ ନିର୍ମମ ଲାଠିମାଡ଼ ଖାଇ ଜେଲଦଣ୍ଡ ଭୋଗିଲେ । ସ୍କୁଲ କଲେଜରେ ଛାତ୍ରମାନେ ଏଥିରେ ଯୋଗ ଦେଲେ । ଛୋଟ ଛୋଟ ପିଲା ବିଦେଶୀ ଲୁଗା ଦୋକାନ ଓ ମଦ ଅଫିମ ଦୋକାନ ଆଗରେ ପିକେଟିଂ କରି ନିର୍ମମ ବେତମାଡ଼ ଖାଇଲେ । ଓଡ଼ିଶାରେ ପ୍ରବଳ ବେଗରେ ଆନ୍ଦୋଳନ ଚାଲିଲା ଓ ଜନ ଜାଗରଣ ଦେଖାଦେଲା । ଗୋଲ ଟେବୁଲ ବୈଠକ ଓ ଗାନ୍ଧୀ ଆରଉଇନ ଅସ୍ଥାୟୀ ସନ୍ଧି ଫଳରେ ବନ୍ଦୀମାନଙ୍କୁ ଛାଡ଼ି ଦିଆଗଲା । କିନ୍ତୁ ଏହାପରେ କଂଗ୍ରେସକୁ ବେଆଇନ ଘୋଷଣା କରାଯାଇଥିଲା । ୧୯୩୭ ଓଡ଼ିଶାରେ କଂଗ୍ରେସ ସଂଖ୍ୟା ଗରିଷ୍ଠ ହୋଇ ମନ୍ତ୍ରୀମଣ୍ଡଳ ଗଢ଼ିଥିଲା ଓ ବ୍ରିଟିଶ ସରକାର ବିଶ୍ୱ ଯୁଦ୍ଧରେ ଭାରତକୁ ସାମିଲ କରିବାର ପ୍ରତିବାଦ କରି ଇସ୍ତଫା ଦେଇଥିଲେ । ଗାନ୍ଧିଜୀ ଦେଶବାସୀଙ୍କୁ 'କର ବା ମର' ଅର୍ଥାତ୍ ପ୍ରାଣ ଦେଇ ଦେଶକୁ ସ୍ୱାଧୀନ କରିବା ଲାଗି ପ୍ରସ୍ତୁତ ହୋଇଯାଅ ବୋଲି ଆହ୍ୱାନ ଦେଲେ ।

୧୯୪୨ରେ 'ଭାରତ ଛାଡ଼ ଆନ୍ଦୋଳନ' ହେଲା । ଏହା ସ୍ୱାଧୀନତା ସଂଗ୍ରାମର ତୃତୀୟ ବା ଶେଷ ପର୍ବ । ଏଥିରେ ଓଡ଼ିଶାର ଲୋକମାନେ ଅଭୂତପୂର୍ବ ସାହସ ଦେଖାଇଥିଲେ । ବ୍ରିଟିଶ ସରକାରଙ୍କ ଦମନଲୀଳାକୁ ବେଖାତିର କରି ଗୋଟିଏ ଗୋଟିଏ ସ୍ଥାନର ଲୋକେ ନିଜ ନିଜ ଅଞ୍ଚଳକୁ ସ୍ୱାଧୀନ ବୋଲି ଘୋଷଣା କରିଦେଲେ । ବାଲେଶ୍ୱର ଜିଲ୍ଲାର 'ଇରମ' ଥିଲା ଏପରି ଗୋଟିଏ ସ୍ଥାନ । ଏଠାରେ ପୋଲିସର ଅତ୍ୟାଚାର ଚରମ ସୀମାରେ ପହଞ୍ଚିଥିଲା । ବହୁ ଲୋକ ମୃତାହତ ହୋଇଥିଲେ । କୋରାପୁଟର ଆଦିବାସୀମାନେ ଲକ୍ଷ୍ମଣ ନାୟକଙ୍କ ନେତୃତ୍ୱରେ ଖୁବ୍ ସାହସର ସହିତ ଆନ୍ଦୋଳନ କରିଥିଲେ । ଲକ୍ଷ୍ମଣ ନାୟକ ଫାଶୀ ପାଇଲେ । ଗାନ୍ଧୀଯୁଗର ଏହି ସଂଗ୍ରାମ ୧୯୨୧ରେ ଆରମ୍ଭ ହୋଇ ୧୯୪୭ ଅଗଷ୍ଟ ୧୫ରେ ଶେଷ ହେଲା । ଲୋକଙ୍କୁ ଲାଠିମାଡ଼, ଗୁଳି, ଜେଲଦଣ୍ଡ, ସମୂହ ଜୋରିମାନା ପ୍ରଭୃତି ନାନାଦଣ୍ଡ ଭୋଗିବାକୁ ହୋଇଛି । ଓଡ଼ିଶାରେ ବିଭିନ୍ନ ବୟସର ପୁରୁଷଙ୍କ ସହିତ ନାରୀମାନେ ମଧ୍ୟ ଏହି ସଂଗ୍ରାମରେ ଯୋଗ ଦେଇ ବର୍ଷ ବର୍ଷ କାରାଦଣ୍ଡ ଭୋଗ କରିଛନ୍ତି ।

## ୫.୬ ଶବ୍ଦାର୍ଥ

ଗାନ୍ଧୀଯୁଗ—ଯେଉଁ ସମୟ ମଧ୍ୟରେ ମହାତ୍ମା ମୋହନ ଦାସ କରମଚାନ୍ଦ ଗାନ୍ଧୀ ସ୍ୱାଧୀନତା ସଂଗ୍ରାମର ନେତୃତ୍ୱ ନେଇଥିଲେ ।

ୟୁନିୟନ ଜ୍ୟାକ୍ (**Union Jack**)—ବ୍ରିଟିଶ ଜାତୀୟ ପତାକା, ଗୋଟିଏ ଆୟତାକାର କଳା ରଙ୍ଗ ବିଶିଷ୍ଟ କନାରେ ପରସ୍ପରକୁ କାଟିଥିବା ଧଳା ଓ ନାଲି ରଙ୍ଗର ଦୋହରୀ ଛକମାନ ଏଥିରେ ପଡ଼ିଥାଏ । ଛକଗୁଡ଼ିକ କ୍ରସ୍ (**Cross**)ର ଚିହ୍ନ । ଏହି ପତାକାରେ ଇଂଲଣ୍ଡ, ସ୍କଟଲାଣ୍ଡ ଓ ଆୟାରଲାଣ୍ଡର ସଙ୍କେତ ମିଶିଛି । ବ୍ରିଟିଶ ଶାସନାଧୀନ ଦେଶମାନଙ୍କରେ ଏହି ପତାକା ଉଡ଼ା ଯାଉଥିଲା ।

ବ୍ରିଟିଶ—ଇଂଲଣ୍ଡର ପୂର୍ବନାମ—ବ୍ରିଟେନ୍ । ୱେ ସେକ୍ସ ରାଜା ଏଗ୍‌ବର୍ଟ ସମସ୍ତ ଇଂରେଜ ରାଜାଙ୍କୁ ଜୟ କରି (ଖ୍ରୀ: ଅ: ୮୨୯ରେ) ଏକ ଶାସନାଧୀନରେ ରଖିଥିଲେ । ତାଙ୍କୁ ଇଂଲଣ୍ଡର ପ୍ରଥମ ରାଜା କୁହାଯାଏ । ତା ପୂର୍ବରୁ ଦେଶର ନାମ ଥିଲା ବ୍ରିଟେନ । ଏହାର ଅଧିବାସୀମାନଙ୍କୁ ବ୍ରିଟନ କୁହାଯାଉଥିଲା । ଖ୍ରୀ: ପୂ: ୫୫ ରୋମାନ୍ ଆକ୍ରମଣ ବେଳେ ମଧ୍ୟ ସେ ଦେଶର ନାମ ବ୍ରିଟେନ୍ ଥିଲା । ବ୍ରିଟେନ୍‌ର ଅଧିବାସୀମାନଙ୍କୁ ବ୍ରିଟିଶ ଜାତି (**British nation**) କୁହାଯାଏ । ବ୍ରିଟିଶ କହିଲେ 'ଇଂଲଣ୍ଡ ସମ୍ବନ୍ଧୀୟ' ବା 'ଇଂଲଣ୍ଡ ଓ ସ୍କଟଲାଣ୍ଡ ସମ୍ବନ୍ଧୀୟ' ଅର୍ଥ ପ୍ରକାଶ ପାଏ । ଭାରତରେ ବ୍ରିଟିଶ କହିଲେ ଇଂରେଜ ଜାତିକୁ ବୁଝାଏ ।

ପ୍ରତୀକ—ଚିହ୍ନ

ତ୍ରିରଙ୍ଗା ପତାକା—ଭାରତର ଜାତୀୟ ପତାକା । ଏହାର ଉପର ଅଂଶ ଗାଢ଼ କମଳା ରଙ୍ଗ, ମଧ୍ୟଭାଗ ଧଳା ଏବଂ ନିମ୍ନଭାଗ ସବୁଜ । ଏହି ତିନି ରଙ୍ଗ ମଧ୍ୟରୁ ଗାଢ଼ କମଳା ରଙ୍ଗ ସାହସ ଓ ତ୍ୟାଗର; ଧଳା ରଙ୍ଗ ସତ୍ୟ, ଶାନ୍ତି, ପବିତ୍ରତାର; ସବୁଜ ରଙ୍ଗ ବୀରତ୍ୱ, ବିଶ୍ୱାସ, ଶ୍ରଦ୍ଧା ଓ ଭକ୍ତିର ପ୍ରତୀକ ବା ନିଦର୍ଶନ । ଏହି ପତାକାର ମଧ୍ୟଭାଗରେ ଶ୍ୱେତ ରଙ୍ଗ ଉପରେ ଚକ୍ର ଚିହ୍ନ ଥାଏ । ଏହା ଶାନ୍ତି ଓ ପ୍ରଗତିର ପ୍ରତୀକ । ପତାକାର ଦୈର୍ଘ୍ୟ (ଲମ୍ବ) ପ୍ରସ୍ଥ (ଓସାର)ର ଦେଢ଼ ଗୁଣ ।

ସାମ୍ରାଜ୍ୟ—ବହୁ ରାଜ୍ୟ ମିଶି ଏକ ଶାସନାଧୀନରେ ରହିଲେ, ତାକୁ ସାମ୍ରାଜ୍ୟ କୁହାଯାଏ । ଏହାର ରାଜା ବା ଶାସକଙ୍କୁ ସମ୍ରାଟ କୁହାଯାଏ ।

ଜାଲିଆନାୱାଲା ବାଗ୍—ପଞ୍ଜାବର ଅମୃତସର ସହର ମଧ୍ୟସ୍ଥ ଏକ ସ୍ଥାନ । ସ୍ଥାନଟିର ଚାରିପାଖ କୋଠାବାଡ଼ି ଓ ପାଚେରୀରେ ବେଷ୍ଟିତ ଓ ଯିବା ଆସିବା କରିବାକୁ ବାଟଟି ଅପ୍ରଶସ୍ତ । ସେଠାରେ ପ୍ରାୟ ୨୦ ହଜାର ଲୋକ ବ୍ରିଟିଶ ସରକାରଙ୍କ ରାଓଲଟ୍ ଆଇନ ବିରୁଦ୍ଧରେ ପ୍ରତିବାଦ ସଭା କରୁଥିଲେ । ସଭା ଚାଲିଥିବା ବେଳେ ସେନାପତି ଡାୟାର ଲୋକମାନଙ୍କ ଉପରକୁ ଗୁଳି ଚଳାଇବାକୁ ତାଙ୍କ ସୈନ୍ୟମାନଙ୍କୁ ଆଦେଶ ଦେଲେ । ଲୋକଙ୍କୁ ପଳାଇ ଯିବାର ସୁଯୋଗ ବି ମିଳିଲା ନାହିଁ । ସର୍ବମୋଟ ୧୬୦୦ ରାଉଣ୍ଡ ଗୁଳି ଚାଲିଲା । ପ୍ରାୟ ୪୦୦ ଲୋକ ମଲେ । ୧୫୦୦ରୁ ଅଧିକ ଲୋକ ଆହତ ହେଲେ । ଏହି ନୃଶଂସ ଗୁଳିକାଣ୍ଡ ଭାରତର ମୁକ୍ତି ସଂଗ୍ରାମ ସପକ୍ଷରେ ଜନମତ ସୃଷ୍ଟି କରିଥିଲା । ଓଡ଼ିଶାରେ ଚାଲିଥିବା ସ୍ୱାଧୀନତା ସଂଗ୍ରାମ ବେଳେ ଜାତୀୟ କବି ବୀର କିଶୋର ଏହି ଗୁଳିକାଣ୍ଡର ବର୍ଣ୍ଣନା କରି କବିତା ଲେଖି ଲୋକଙ୍କୁ ଉତ୍ତେଜିତ କରୁଥିଲେ । ନେତାମାନେ ମଧ୍ୟ ସେମାନଙ୍କ ଭାଷଣରେ ଏ ବିଷୟ ବର୍ଣ୍ଣନା କରି ଲୋକଙ୍କୁ ମତାଉଥିଲେ ।

ପରାଧୀନତା—ପରର ଅଧୀନରେ ରହିବା । ବାହାର ଦେଶର ଲୋକଙ୍କ ଶାସନରେ ରହିବାକୁ ପରାଧୀନତା କୁହାଯାଏ । ଏହାର ବିପରୀତ ବା ଓଲଟା ଅର୍ଥ ବୁଝାଉଥିବା ଶବ୍ଦ ହେଲା—ସ୍ୱାଧୀନ । ଅର୍ଥାତ୍ 'ସ୍ୱ' ବା 'ନିଜ'ର ଅଧୀନରେ ନିଜେ ଚଳିବା ।

ନାଗପୁର—ମହାରାଷ୍ଟ୍ର ପ୍ରଦେଶର ଗୋଟିଏ ପ୍ରଧାନ ସହର । ୧୯୨୦ ଡିସେମ୍ବର ମାସରେ ଏଠାରେ କଂଗ୍ରେସ ଅଧିବେଶନ ବସିଥିଲା । ଦେଶର ବିଭିନ୍ନ ଅଞ୍ଚଳରୁ ୧୪୫୮୨ ଜଣ ପ୍ରତିନିଧି ଏଥିରେ ଯୋଗ ଦେଇଥିଲେ । ଓଡ଼ିଶାରୁ ଗୋପବନ୍ଧୁ ଦାସଙ୍କ ସହିତ ଭାଗୀରଥି ମହାପାତ୍ର, ହରେକୃଷ୍ଣ ମହତାବ, ନିରଞ୍ଜନ ପଟ୍ଟନାୟକ, ଯଦୁମଣି ମଙ୍ଗରାଜ, ଜଗବନ୍ଧୁ ସିଂହ, ମୁକୁନ୍ଦ ପ୍ରସାଦ ଦାସ ପ୍ରମୁଖ ବହୁ ସଂଖ୍ୟକ ପ୍ରତିନିଧି ଯୋଗ ଦେଇଥିଲେ । ସେତେବେଳେ ଓଡ଼ିଶା-ବିହାର ଗୋଟିଏ ପ୍ରଦେଶ ଥିଲା ଏବଂ ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନ ପାଇଁ ଆନ୍ଦୋଳନ ଚାଲିଥିଲା । କଂଗ୍ରେସର ନାଗପୁର ଅଧିବେଶନରେ ଭାଷା ସୂତ୍ରରେ ପ୍ରଦେଶ ଗଠନ ନୀତି ଗ୍ରହଣ କରାଯାଇ ଓଡ଼ିଶା ପାଇଁ ସ୍ୱତନ୍ତ୍ର ପ୍ରାଦେଶିକ କଂଗ୍ରେସ କମିଟି ଗଠନ ଲାଗି ସ୍ଥିର ହେଲା । ତାର ନାମ ରହିଲା—ଉତ୍କଳ ପ୍ରାଦେଶିକ କଂଗ୍ରେସ କମିଟି ।

ଗୋପବନ୍ଧୁ ଦାସ—ଉତ୍କଳମଣି ନାମରେ ପରିଚିତ । ସେ ବି. ଏ. ଓ ବି. ଏଲ. ପାଶ କରି କିଛି ଦିନ ଶିକ୍ଷକତା ଓ ଓକିଲାତି କରିଥିଲେ । ତାଙ୍କଠାରେ ମୂଳରୁ ଦେଶସେବା ଓ ସ୍ୱଦେଶପ୍ରୀତି ଥିଲା । ସେ ୧୯୧୬ରେ କଂଗ୍ରେସର ଲକ୍ଷ୍ନୌ ଅଧିବେଶନରେ ଯୋଗ ଦେଇଥିଲେ ଏବଂ ସେଠାରୁ ଫେରି ଓଡ଼ିଶାରେ କଂଗ୍ରେସ ସଙ୍ଗଠନର ପାଇଁ ଉଦ୍ୟମ କରିଥିଲେ । ସେ ୧୯୧୭ରେ ବିହାର-ଓଡ଼ିଶା କାଉନ୍‌ସିଲର ସଭ୍ୟ ନିର୍ବାଚିତ ହୋଇଥିଲେ । ସେ ସତ୍ୟବାଦୀ ବନ ବିଦ୍ୟାଳୟ ଓ 'ସମାଜ' ସମ୍ବାଦପତ୍ରର ପ୍ରତିଷ୍ଠାତା । ସେତେବେଳେ ଓଡ଼ିଆ ଭାଷାଭାଷୀ ଅଞ୍ଚଳକୁ ନେଇ ସ୍ୱତନ୍ତ୍ର ପ୍ରଦେଶ ଗଠନ ପାଇଁ ଆନ୍ଦୋଳନ ହେଉଥିଲା । ଉତ୍କଳ ସମ୍ମିଳନୀ ଏହି ଉଦ୍ଦେଶ୍ୟରେ ଗଠନ କରାଯାଇଥିଲା । ଗୋପବନ୍ଧୁଙ୍କ ପ୍ରସ୍ତାବକ୍ରମେ ଏହି ସମ୍ମି-

ଳନୀ କଂଗ୍ରେସର ନୀତି ଓ ଆଦର୍ଶକୁ ଗ୍ରହଣ କଲ୍ । ସେ ତା ୨୨ । ୧ । ୧୯୨୧ରେ ସତ୍ୟବାଦୀ ଉଚ୍ଚ ବିଦ୍ୟାଳୟକୁ ଜାତୀୟ ବିଦ୍ୟାଳୟରେ ପରିଣତ କଲେ । ଗୋପବନ୍ଧୁ ୨୪ । ୧ । ୧୯୨୧ ରେ କଟକଠାରେ କାଠଯୋଡ଼ି ନଈବାଲିରେ ବିରାଟ ସାଧାରଣ ସଭା କରାଇ କଂଗ୍ରେସର ଅହିଂସ ଅସହଯୋଗ ଆନ୍ଦୋଳନର ମର୍ମ ବୁଝାଇଥିଲେ । ସତ୍ୟବାଦୀ ସ୍କୁଲର କେତେକ ପୁରାତନ ଛାତ୍ର କଟକ ସାହେବଜାଦା ବଜାରରେ ଗୋଟିଏ ମେସ୍ କରି ରହି କଲେଜରେ ପଢୁଥିଲେ । ସେମାନେ ଗୋପବନ୍ଧୁଙ୍କ ପ୍ରଭାବରେ ଅସହଯୋଗ ଆନ୍ଦୋଳନରେ ଯୋଗ ଦେଲେ ଏବଂ ସେହି ମେସ୍ ଘରଟିର ନାମ ହେଲା ସ୍ୱରାଜ ଆଶ୍ରମ । ଏହା କ୍ରମେ କଂଗ୍ରେସ ଦଖଲକୁ ଆସିଲା ଓ ସ୍ୱାଧୀନତା ଆନ୍ଦୋଳନର କେନ୍ଦ୍ର ହେଲା । ଗୋପବନ୍ଧୁ ଓଡ଼ିଶାରେ ଏହି ଆନ୍ଦୋଳନର ବହ୍ନି ଜାଳିଥିଲେ । ସେ ଆନ୍ଦୋଳନରେ ଜେଲ ଯାଇଥିଲେ ଏବଂ ଜେଲରେ ଥିବା ବେଳେ ବନ୍ଦୀର ଆତ୍ମକଥା ଓ କାରା କବିତା ଲେଖିଥିଲେ । ତାଙ୍କର ଅନ୍ୟାନ୍ୟ ପୁସ୍ତକ ହେଲା— ଧର୍ମପଦ, ନଚିକେତା ଉପାଖ୍ୟାନ, ଗୋମାହାତ୍ମ୍ୟ, ଅବକାଶ ଚିନ୍ତା । ତାଙ୍କର ସମାଜ ଓ ସତ୍ୟବାଦୀର ସମ୍ପାଦକୀୟ ଓ ଅନ୍ୟାନ୍ୟ ଲେଖା ଗୋପବନ୍ଧୁ ରଚନାବଳୀ ନାମରେ ପ୍ରକାଶ ପାଇଛି । ତାଙ୍କ ନେତୃତ୍ୱରେ ଓଡ଼ିଶାରେ ୧୯୨୧ ଜୁନ୍ ସୁଦ୍ଧା ଚାଳିଶ ହଜାର ଲୋକ କଂଗ୍ରେସ ସଭ୍ୟ ହୋଇଥିଲେ ଏବଂ ମହାତ୍ମାଗାନ୍ଧୀଙ୍କ ତିଳକ ସ୍ୱରାଜ୍ୟ ପାଣ୍ଠି ପାଇଁ ଓଡ଼ିଶାରୁ ବାଇଶ ହଜାର ଟଙ୍କା ଚାନ୍ଦା ଆଦାୟ ହୋଇଥିଲା ।

ଗୋପବନ୍ଧୁ ଚୌଧୁରୀ—ସେ କାଳରେ ଜଣେ ମେଧାବୀ ଛାତ୍ର ଥିଲେ ଓ ଏମ୍ ଏ ପାଶ କରିଥିଲେ । ସେ ଡେପୁଟି ମାଜିଷ୍ଟ୍ରେଟ ଥିଲେ । ସେ ହରେକୃଷ୍ଣ ମହତାବ, ନବକୃଷ୍ଣ ଚୌଧୁରୀ, ନିତ୍ୟାନନ୍ଦ କାନୁନ୍‌ଗୋ ପ୍ରଭୃତି କଲେଜ ଛାତ୍ରଙ୍କୁ ନେଇ 'ଭାରତୀ ମନ୍ଦିର' ନାମରେ ଏକ ଅନୁଷ୍ଠାନ ଗଢ଼ିଥିଲେ । ଯୁବକମାନଙ୍କ ମଧ୍ୟରେ ଉଚ୍ଚ ଜାତୀୟ ଭାବ ପ୍ରଚାର ଏହାର ଉଦ୍ଦେଶ୍ୟ । ସେ ଡେପୁଟି ଚାକିରି ଛାଡ଼ି ଅସହଯୋଗ ଆନ୍ଦୋଳନରେ ଯୋଗ ଦେଇଥିଲେ । ତାଙ୍କ ସାନଭାଇ ନବକୃଷ୍ଣ ଚୌଧୁରୀ କଲେଜ ଛାଡ଼ି ଏହି ଆନ୍ଦୋଳନରେ ମିଶିଥିଲେ ଓ ତାଙ୍କର ସ୍ତ୍ରୀ ରମାଦେବୀ ଓ ଭାଇବୋହୂ ମାଳତୀ ଚୌଧୁରୀ ମଧ୍ୟ ଯୋଗ ଦେଇଥିଲେ । ତାଙ୍କର ଯୋଗଦାନ ଅସହଯୋଗ ଆନ୍ଦୋଳନକୁ ଯଥେଷ୍ଟ ବଳ ଦେଇଥିଲା । ସେ ଜଗତସିଂହପୁର ଅଳକାଶ୍ରମ (୧୯୨୧-୨୪) ପ୍ରତିଷ୍ଠା କରିଥିଲେ ।

**ପାଠରେ ବ୍ୟବହୃତ କେତେକ ଯାବନିକ ଶବ୍ଦ**

ଓଡ଼ିଶା ଖ୍ରୀ: ଅ: ୧୫୬୮ରୁ ଆଫଗାନ ଓ ମୋଗଲ ଶାସନାଧୀନରେ ରହିଲା । ଏହି ସମୟରେ ବହୁ ପାରସିକ ବା ଫାର୍ଶୀ ଓ ଆରବୀୟ ଶବ୍ଦ ଓଡ଼ିଆ ଭାଷାରେ ପ୍ରବେଶ କରିଛି । ବର୍ତ୍ତମାନ ସେଗୁଡ଼ିକୁ ଯାବନିକ ଶବ୍ଦ ବୋଲି କୁହାଯାଉଛି । ଯଥା—

ଗିରଫ—ଏହା ଏକ ପାରସିକ ବା ଫାର୍ଶୀ ଶବ୍ଦ । ଏହାର ଅର୍ଥ ହେଉଛି ବନ୍ଦୀ ।

ଏହି ପାଠରେ—ଆଇନ୍, ଇସ୍ତଫା, କଚେରୀ, ସରକାର, କୋରଖ ପ୍ରଭୃତି କେତେକ ପାରସିକ ଓ ଆରବୀୟ ଶବ୍ଦ ବ୍ୟବହାର କରାଯାଇଛି । ସଂସ୍କୃତ 'ଲବଣ' ସହିତ ପାରସିକ 'ଆଇନ' ଶବ୍ଦ ଯୋଡ଼ି ହୋଇ 'ଲବଣ—ଆଇନ' ହୋଇଛି ।

କୂଳ—ତଟ; ସମୀପ ସ୍ଥାନ । ଏଠାରେ ବନାନ ପ୍ରତି ଦୃଷ୍ଟି ଦେବା ଆବଶ୍ୟକ । 'କ'ରେ 'ୂ' (ଦୀର୍ଘ ଉକାର) ସ୍ଥାନରେ 'ୁ'(ହ୍ରସ୍ୱ ଉକାର) ହୋଇ 'କୁଳ' ହେଲେ, 'ବଂଶ' ଅର୍ଥ ପ୍ରକାଶ କରିବ ।

ଶହ—ଶତ ସଂଖ୍ୟକ ('୧'ରେ ଦୁଇଟି ଶୂନ୍ୟ ୧୦୦) । କିନ୍ତୁ 'ଶ' ସ୍ଥାନ 'ସ' ହେଲେ 'ସହିତ' ଅର୍ଥ ପ୍ରକାଶ କରିବ । ପ୍ରାକ୍ କଥନରେ 'ସହ' ଶବ୍ଦ ଏହି ଅର୍ଥରେ ବ୍ୟବହାର କରାଯାଇଛି । ସୁତରାଂ ବହି ପଢ଼ିବା ବେଳେ ବନାନ ପ୍ରତି ଦୃଷ୍ଟି ରଖିବା ଦରକାର ।

ପିକେଟିଂ (Picketing)—ଦଳ ବାନ୍ଧି ଦ୍ୱାର ମୁହଁରେ କୌଣସି ସ୍ଥାନରେ ବସି ରହି କୌଣସି କାମ କରିବାକୁ ବାରଣ କରିବା । ଏହା ଗୋଟିଏ ଇଂରାଜୀ ଶବ୍ଦ । ଏହି ପାଠରେ ଏପରି ସ୍କୁଲ, କଲେଜ, ଟେବୁଲ ପ୍ରଭୃତି ବହୁ ଇଂରାଜୀ ଶବ୍ଦ ବ୍ୟବହାର କରାଯାଇଛି ।

ଅଭୂତପୂର୍ବ—ଯାହା ପୂର୍ବରୁ ହୋଇ ନାହିଁ । ଭୂତ ପୂର୍ବ ଅର୍ଥ ଯାହା ପୂର୍ବରେ ଥିଲେ । ଏଥିରେ 'ଅ' ଯୋଗ ହୋଇ (ଅ+ଭୂତ+ପୂର୍ବ) ଅଭୂତ ପୂର୍ବ ଶବ୍ଦ ଗଠିତ ହୋଇ ଭୂତ ପୂର୍ବର ବିପରୀତ ଅର୍ଥ ପ୍ରକାଶ କରୁଛି । 'ଅ' ଯୋଗରେ 'ଅଭାବ' ଅର୍ଥ ମଧ୍ୟ ପ୍ରକାଶିତ ହୋଇଥାଏ । ଯଥା—ଅନିୟମ, ଅବିଧି ।

ମଉଳନ—ନିଷ୍ପ୍ରଭ ହେବା, ଝାଉଁଳି ପଡ଼ିବା ।

ବେଓ୍ବା; ବେଉଆ, ବେଉୟା—ଅନାଥା, ପତି-ପୁତ୍ର-ହୀନା ସ୍ତ୍ରୀ । ଏହା ଗୋଟିଏ ଯାବନିକ ଶବ୍ଦ ।

ଫାଶୀ, ଫାସି—ମରଣ, ମୃତ୍ୟୁଦଣ୍ଡ । ଏହା ସଂସ୍କୃତ 'ପାଶ' ଶବ୍ଦରୁ ଗଠିତ ହୋଇଛି । ଉପରେ ଓଡ଼ିଆରେ ଚଳୁଥିବା କେତେକ ଯାବନିକ ଓ ଇଂରାଜୀ ଶବ୍ଦ ବିଷୟରେ କୁହାଯାଇଛି । ଏଠାରେ ପାଠରେ ବ୍ୟବହୃତ ତତ୍‌ସମ ଓ ତଦ୍‌ଭବ ଶବ୍ଦଗୁଡ଼ିକ ବିଷୟ ପକାଇବା । ଯେଉଁ ସଂସ୍କୃତ ଶବ୍ଦଗୁଡ଼ିକ ଓଡ଼ିଆରେ

ଅବିକଳ ଚଳେ, ତାହା ତତ୍‌ସମ ବା ସଂସ୍କୃତ ସହିତ ସମାନ ଶବ୍ଦ । ଏହି ପାଠରେ ସ୍ୱାଧୀନ, ସଂଗ୍ରାମ, ମୁକ୍ତ, ସ୍ପଷ୍ଟ ଶେଷ, ପର୍ଯ୍ୟାୟ ପ୍ରଭୃତି ବହୁ ତତ୍‌ସମ ଶବ୍ଦ ବ୍ୟବହାର କରାଯାଇଛି । ଯେଉଁ ସଂସ୍କୃତ ଶବ୍ଦଗୁଡିକ ମୂଳ ଶବ୍ଦଠାରୁ ଟିକିଏ ଅଲଗା ବା ବିକୃତ ହୋଇ ଓଡିଆରେ ଚଳୁଛି, ସେଗୁଡ଼ିକୁ ତଦ୍‌ଭବ ଶବ୍ଦ କୁହାଯାଏ । ଏହି ପାଠରେ ଆଖି, ହାତ, ମଣ୍ଡଳନ ପ୍ରଭୃତି ତଦ୍‌ଭବ ଶବ୍ଦ ।

## ୫.୭ ପଠନ ଅଭ୍ୟାସ

୧. ନିମ୍ନଲିଖିତ ବାକ୍ୟଟିକୁ ପଢି ତା ତଳେ ଲେଖାଯାଇଥିବା ପ୍ରଶ୍ନଗୁଡିକର ଉତ୍ତର ଗୋଟିଏ ଗୋଟିଏ ପୂର୍ଣ୍ଣ ବାକ୍ୟରେ (ଯଥା ସମ୍ଭବ ଅଳ୍ପ ଶବ୍ଦ ବ୍ୟବହାର କରି) ଲେଖନ୍ତୁ ।

"ବ୍ରିଟିଶ ସାମ୍ରାଜ୍ୟ ଘୋର ପ୍ରତାପୀ, ତା ବିରୁଦ୍ଧରେ ଯିଏ କ୍ଷୀଣ ସ୍ୱର ମଧ୍ୟ ଉତ୍ତୋଳନ କରିବ ତାକୁ ଅତି କଠୋର ଶାସ୍ତି ମିଳିବ—ଏହି କଥାଟିକୁ ସ୍ପଷ୍ଟ ଭାବରେ ଜଣାଇ ଦେବା ପାଇଁ ସେହି ଏପ୍ରିଲ ତେର ତାରିଖ ଦିନ ପଞ୍ଜାବର ଜାଲିଆନାୱାଲାବାଗ୍‌ଠାରେ ଶାନ୍ତିପୂର୍ଣ୍ଣ ଭାବରେ ଓ ପରିବେଶରେ ଥିବା ନିରୀହ ଜନତା ଉପରେ ଆଖିବୁଜା ଗୁଳି ଚଳାଇଲେ ରକ୍ତର ସୁଅ ଛୁଟାଇ ଦେଲେ ଜଣେ ଅତି ନିଷ୍ଠୁର ଗୋରା ସେନାପତି ।

(କ) ଗୋରା ସେନାପତି କେଉଁ ରାଜ୍ୟର କେଉଁଠାରେ ନିଷ୍ଠୁର ଗୁଳିକାଣ୍ଡ କରିଥିଲେ ?

(ଖ) ସେ ଆଖିବୁଜା ବା ଅବିଚାରିତ ଭାବରେ ଗୁଳି ଚଳାଇବା ଆଦେଶ ଦେବାବେଳେ ଲୋକମାନେ କିପରି ପରିବେଶରେ କେଉଁ ଭାବରେ ବସିଥିଲେ ?

(ଗ) ସେ ବ୍ରିଟିଶ ସରକାର ବିରୁଦ୍ଧରେ କଣ କଲେ କଠୋର ଶାସ୍ତି ମିଳିବ ବୋଲି ଜଣାଇବା ଉଦ୍ଦେଶ୍ୟରେ ଏହି ହତ୍ୟାକାଣ୍ଡ କରିଥିଲେ ?

(ଘ) ସେ ବ୍ରିଟିଶ ସାମ୍ରାଜ୍ୟର ପ୍ରତାପ ଓ ନିଷ୍ଠୁରତା ଭିତରୁ କେଉଁଟି ଜଣାଇଦେବା ପାଇଁ ଜାଲିଆନାୱାଲାବାଗ୍‌ଠାରେ ନରସଂହାର ଲୀଳା କରିଥିଲେ ?

(ଙ) କେଉଁ ମାସର କେଉଁ ତାରିଖଟି ଆମ ମନରେ ଜାଲିଆନାୱାଲାବାଗ୍ ହତ୍ୟାକାଣ୍ଡର କରୁଣ ସ୍ମୃତି ଜାଗ୍ରତ କରେ ?

୨. ଲେଖକ ପ୍ରବନ୍ଧଟିରେ କେଉଁ କେଉଁ ଘଟଣାରେ ବର୍ଣ୍ଣନା ବେଳେ 'ରକ୍ତର ସୁଅ' 'ରକ୍ତରେ ବୁଡି' ଓ 'ଆଖିବୁଜା' ପଦ ବ୍ୟବହାର କରିଛନ୍ତି ପାଠଟି ଭଲଭାବରେ ପଢ଼ି ଉତ୍ତର ଦିଅନ୍ତୁ ।

୩. ଲେଖକ ପ୍ରବନ୍ଧରେ କେଉଁ ବୈଠକକୁ କାହିଁକି 'ପ୍ରହସନ' ଓ 'ଚକ୍ଷୁକୁଟା' ବୋଲି କହିଛନ୍ତି ?

## ୫.୮ ଆତ୍ମପରୀକ୍ଷଣମୂଳକ ପ୍ରଶ୍ନାବଳୀର ଉତ୍ତର–

**ପ୍ରଶ୍ନାବଳୀ (ପାଠଗତ)**

(୧) ଓଡିଶାରେ ଅସହଯୋଗ ଆନ୍ଦୋଳନ କାହିଁକି ଧିମେଇ ଗଲା ?

(୨) ସ୍ୱାଧୀନତା ସଂଗ୍ରାମର ଦ୍ୱିତୀୟ ଅଧ୍ୟାୟଟିର ନାମ କଅଣ ଓ ତାହା କଂଗ୍ରେସର କେଉଁ ଅଧିବେଶନ ପରେ କେବେ ଆରମ୍ଭ ହେଲା ।

(୩) ଗୋପବନ୍ଧୁ ଚୌଧୁରୀ ୧୯୩୦ ଜାନୁୟାରୀ ୨୬ ତାରିଖ ଦିନ କେଉଁଠାରେ ଶପଥ ପାଠ କରାଇଥିଲେ ?

(୪) ଗାନ୍ଧିଜୀ ୧୯୩୦ରେ କଅଣ ଘୋଷଣା କଲେ ଓ କେଉଁ ତାରିଖ ଦିନ ଏକ ସଙ୍ଗରେ ଭାରତର ଚାରିଆଡେ ସ୍ୱାଧୀନତା ସଂଗ୍ରାମର ଶଙ୍ଖଧ୍ୱନି ଶୁଣାଯିବ ବୋଲି କହିଲେ ?

(୫) ଓଡିଶାରେ ଆଚାର୍ଯ୍ୟ ହରିହର କେଉଁଠାରେ ପ୍ରଥମେ ଲବଣ ଆଇନ ଭଙ୍ଗ କଲାପରେ କଣ ହୋଇଥିଲା ?

(୬) ସ୍ୱାଧୀନତା ସଂଗ୍ରାମର ଦ୍ୱିତୀୟ ପର୍ଯ୍ୟାୟ ବେଳେ ଅଳ୍ପ ବୟସର ସ୍କୁଲ ପିଲାମାନେ କେଉଁଠାରେ କଣ କରି କି ଦଣ୍ଡ ପାଇଥିଲେ ?

(୭) ଗାନ୍ଧୀ-ଆରୱଇନ ଅସ୍ଥାୟୀ ସନ୍ଧି ଫଳରେ କଣ କଣ ହେଲା ?

(୮) ବ୍ରିଟିଶ ସରକାର କଂଗେସ ଅନୁଷ୍ଠାନକୁ କେବେ ବେଆଇନ୍ ଘୋଷଣା କଲା ?

(୯) କେବେ ଓଡ଼ିଶାରେ କଂଗ୍ରେସ ମନ୍ତ୍ରୀମଣ୍ଡଳ ଗଠିତ ହେଲା ଓ ତାହା କାହିଁକି କେବେ ଇସ୍ତଫା ଦେଲା ?

(୧୦) ୧୯୪୨ ଅଗଷ୍ଟ ନଅ ତାରିଖରେ କଣ କଣ ହେଲା ?

(୧୧) ସ୍ୱାଧୀନତା ଆନ୍ଦୋଳନର ତୃତୀୟ ଅଧ୍ୟାୟ ବା ଭାରତଛାଡ଼ ଆନ୍ଦୋଳନରେ ଓଡ଼ିଶାର ଇରମ୍ ପ୍ରଭୃତି ସ୍ଥାନରେ ପୁଲିସ କାହିଁକି ଆଖିବୁଜା ଗୁଳି ଚଳାଇଥିଲେ ?

(୧୨) କୋରାପୁଟର ଆଦିବାସୀମାନେ ଭାରତଛାଡ଼ ଆନ୍ଦୋଳନ ବେଳେ କଣ କରିଥିଲେ ଓ ତାଙ୍କର ନେତାଙ୍କୁ କିପରି ଫାଶୀ ଦିଆଗଲା ?

ତଳ ବାକ୍ୟଟିକୁ ଲକ୍ଷ୍ୟ କରିବା—

'ଗାନ୍ଧିଜୀ ଜାଣିଗଲେ—ଯେଉଁ ସରକାର ଦେଶକୁ ଶୋଷଣ କରୁଛି, ସିଏ ନିଜ ଇଚ୍ଛାରେ ଭାରତୀୟମାନଙ୍କୁ କ୍ଷମତା ହସ୍ତାନ୍ତର କରିବ ନାହିଁ ।'

ଏହି ବାକ୍ୟରେ ଜାଣିଗଲେ, କରୁଛି, କରିବ ନାହିଁ କ୍ରିୟାର ଅତୀତ, ବର୍ତ୍ତମାନ ଓ ଭବିଷ୍ୟତ ପ୍ରଭୃତି ବିଭିନ୍ନ କାଳ ବିଷୟରେ ସୂଚନା ଦେଉଛି । କିନ୍ତୁ କ୍ରିୟାର 'କାଳ'କୁ ବା ବ୍ୟାକରଣର 'କାଳ'କୁ ସମୟ ବୋଲି ଭାବିବା ଠିକ୍ ହେବ ନାହିଁ । ବର୍ତ୍ତମାନ ପୂରା ପାଠଟିକୁ ଭଲଭାବରେ ପଢ଼ି (୧) ବିଷୟବସ୍ତୁ ଉପରେ ଆଧାରିତ (୨) ଭାଷା ବା ବ୍ୟାକରଣ ସମ୍ପର୍କୀୟ (୩) ଭାଷା ଓ ଶୈଳୀ ସମ୍ବନ୍ଧୀୟ ଅନୁଶୀଳନୀର ଉତ୍ତର ଦେବାକୁ ପ୍ରସ୍ତୁତ ହୁଅନ୍ତୁ ।

## ପ୍ରଶ୍ନାବଳୀ (ବ୍ୟାକରଣଗତ)

୧. ତଳେ ସ୍ୱାଧୀନତା ସଂଗ୍ରାମ ସମ୍ବନ୍ଧୀୟ କେତେକ ଘଟଣା ଓ ତାରିଖ ଲେଖାଯାଇଛି । ଯେଉଁ ଘଟଣାର ଯେଉଁ ତାରିଖଟି ଠିକ୍ ବୋଲି ଭାବୁଛନ୍ତି ତା କଡ଼ରେ ଥିବା କୋଠରିରେ ଠିକ୍ '√' ଚିହ୍ନ ଦିଅନ୍ତୁ ।

(କ) ଜାଲିଆନାୱାଲା ହତ୍ୟାକାଣ୍ଡ
- ୧୯୨୧ ଜାନୁୟାରୀ ୩୦ ☐
- ୧୯୧୯ ଏପ୍ରିଲ ୧୩ ☐
- ୧୯୨୯ ଡିସେମ୍ବର ୩୧ ☐

(ଖ) ଗାନ୍ଧିଜୀଙ୍କ ଦାଣ୍ଡିଯାତ୍ରା
- ୧୯୩୦ ଏପ୍ରିଲ ୬ ☐
- ୧୯୨୯ ଡିସେମ୍ବର ୩୧ ☐
- ୧୯୩୦ ମାର୍ଚ୍ଚ ୧୨ ☐

(ଗ) ଇଞ୍ଚୁଡ଼ିରେ ଲବଣ ଆଇନ ଅମାନ୍ୟ
- ୧୯୩୦ ଜାନୁୟାରୀ ୩୦ ☐
- ୧୯୧୯ ଏପ୍ରିଲ ୧୩ ☐
- ୧୯୩୦ ଏପ୍ରିଲ ୧୩ ☐

(ଘ) ଭାରତ ଛାଡ଼ ଆନ୍ଦୋଳନ ଆରମ୍ଭ
- ୧୯୩୯ ସେପ୍ଟେମ୍ବର ୧୩ ☐
- ୧୯୪୭ ଅଗଷ୍ଟ ୧୫ ☐
- ୧୯୪୨ ଅଗଷ୍ଟ ୯ ☐

୨. ଠିକ୍ ମନେକରୁଥିବା ସ୍ଥାନରେ କୋଠରି ମଧ୍ୟରେ ଠିକ୍ '√' ଚିହ୍ନ ଦିଅନ୍ତୁ ।

(କ) ଉତ୍କଳ ପ୍ରଦେଶ କଂଗ୍ରେସ କମିଟିର ପ୍ରଥମ ସଭାପତି
- ଗୋପବନ୍ଧୁ ଚୌଧୁରୀ ☐
- ଭଗୀରଥି ମହାପାତ୍ର ☐
- ଗୋପବନ୍ଧୁ ଦାସ ☐
- ଡକ୍ଟର ହରେକୃଷ୍ଣ ମହତାବ ☐
- ଜଗବନ୍ଧୁ ସିଂହ ☐

(ଖ) ଓଡ଼ିଶାରେ ସ୍ୱାଧୀନତା ଆନ୍ଦୋଳନରେ ଫାଶୀ ପାଇଥିଲେ
- ପରୀ ବେଓ୍ୱା ☐
- ଲକ୍ଷ୍ମଣ ନାୟକ ☐

୩. ସ୍ୱାଧୀନତା ଆନ୍ଦୋଳନର ବିଭିନ୍ନ ପର୍ଯ୍ୟାୟରେ ନେତୃତ୍ୱ ନେଇଥିବା ନେତାଙ୍କ ନାମ ଠିକ୍ ଥିଲେ, ନାମକଡ଼ରେ ଠିକ୍ '√' ଚିହ୍ନ ଦିଅନ୍ତୁ ।

(କ) ଅସହଯୋଗ ଆନ୍ଦୋଳନ
- ଲକ୍ଷ୍ମଣ ନାୟକ

ନବକୃଷ୍ଣ ଚୌଧୁରୀ
ହରେକୃଷ୍ଣ ମହତାବ
ଗୋପବନ୍ଧୁ ଦାସ

(ଖ) ଲବଣ ସତ୍ୟାଗ୍ରହ
ନବକୃଷ୍ଣ ଚୌଧୁରୀ
ଗୋପବନ୍ଧୁ ଦାସ
ଗୋପବନ୍ଧୁ ଚୌଧୁରୀ
ନିରଞ୍ଜନ ପଟ୍ଟନାୟକ
ଆଚାର୍ଯ୍ୟ ହରିହର

(ଗ) ଭାରତ ଛାଡ଼ ଆନ୍ଦୋଳନରେ ମୁଖ୍ୟ ଭୂମିକା ନେଇଥିଲେ
ଆଚାର୍ଯ୍ୟ ହରିହର
ଗୋପବନ୍ଧୁ ଦାସ
ଲକ୍ଷ୍ମଣ ନାୟକ

ଉତ୍ତରାବଳୀ (ପାଠଗତ) :—

୧. ମହାତ୍ମାଗାନ୍ଧୀ ଓ ଗୋପବନ୍ଧୁ କାରାବରଣ କରିବାରୁ ଓଡ଼ିଶାରେ ଅସହଯୋଗ ଆନ୍ଦୋଳନ ଥିମେଇଗଲା ।

୨. ସ୍ୱାଧୀନତା ସଂଗ୍ରାମର ଦ୍ୱିତୀୟ ଅଧ୍ୟାୟଟିର ନାମ 'ସ୍ୱାଧୀନତାର ଶପଥ' । ତାହା କଂଗ୍ରେସର ଲାହୋର ଅଧିବେଶନ ପରେ ଆରମ୍ଭ ହୋଇଥିଲା ।

୩. ଗୋପବନ୍ଧୁ ଚୌଧୁରୀ ୧୯୩୦ ଜାନୁଆରୀ ୨୬ ତାରିଖ ଦିନ କଟକଠାରେ ଶପଥପାଠ କରାଇଥିଲେ ।

୪. ଗାନ୍ଧିଜୀ ୧୯୩୦ରେ ଲବଣ ଆଇନ ଅମାନ୍ୟ ଆନ୍ଦୋଳନ ଘୋଷଣା କଲେ । ସେହି ବର୍ଷ ଏପ୍ରିଲ ୬ ତାରିଖ ଦିନ ଏକସଙ୍ଗରେ ଭାରତର ଚାରିଆଡ଼େ ସ୍ୱାଧୀନତା ସଂଗ୍ରାମର ଶଙ୍ଖଧ୍ୱନି ଶୁଣାଯିବ ବୋଲି କହିଥିଲେ ।

୫. ଓଡ଼ିଶାରେ ଆଚାର୍ଯ୍ୟ ହରିହର ଇଞ୍ଚୁଡ଼ିଠାରେ ପ୍ରଥମେ ଲବଣ ଆଇନ ଭଙ୍ଗ କଲାପରେ ଓଡ଼ିଶାରେ ଅଭୂତପୂର୍ବ ଜାଗରଣ ଦେଖା ଦେଇଥିଲା । ଶହ ଶହ ହଜାର ହଜାର ଲୋକ ଆଇନ ଅମାନ୍ୟ କରି ଜେଲ ବରଣ କରିଥିଲେ ।

୬. ସ୍ୱାଧୀନତା ସଂଗ୍ରାମର ଦ୍ୱିତୀୟ ପର୍ଯ୍ୟାୟ ବେଳେ ଅଳ୍ପ ବୟସର ସ୍କୁଲ ପିଲାମାନେ ବିଲାତି ଲୁଗା ଦୋକାନ, ମଦ ଦୋକାନ ଓ ଅଫିମ ଦୋକାନ ଆଗରେ ପିକେଟିଂ କରି ବେତମାଡ଼ ଖାଇଥିଲେ ।

୭. ଗାନ୍ଧୀ-ଆର୍‌ଉଇନ୍ ଅସ୍ଥାୟୀ ସନ୍ଧି ଫଳରେ ରାଜବନ୍ଦୀମାନେ ମୁକ୍ତ ହୋଇଥିଲେ ।

୮. ଗାନ୍ଧିଜୀ ଗୋଲଟେବୁଲ ବୈଠକରୁ ନିରାଶ ହୋଇ ଭାରତକୁ ଫେରିବା ମାତ୍ରେ ତାଙ୍କୁ ଗିରଫ କରି ନିଆଗଲା ଓ କଂଗ୍ରେସ ଅନୁଷ୍ଠାନକୁ ବ୍ରିଟିଶ ସରକାର ବେଆଇନ ଘୋଷଣା କଲା ।

୯. ୧୯୩୭ ମସିହାରେ ଓଡ଼ିଶାରେ କଂଗ୍ରେସ ମନ୍ତ୍ରୀମଣ୍ଡଳ ଗଠିତ ହେଲା ଓ ଲୋକପ୍ରତିନିଧି-ମାନଙ୍କ ମତ ନ ନେଇ ବ୍ରିଟିଶ ସରକାର ଭାରତକୁ ଯୁଦ୍ଧରେ ସାମିଲ କରିଦେବାରୁ ଓଡ଼ିଶାରେ କଂଗ୍ରେସ ମନ୍ତ୍ରୀମଣ୍ଡଳ ଇସ୍ତଫା ଦେଲା ।

୧୦. ୧୯୪୨ ଅଗଷ୍ଟ ନଅ ତାରିଖରେ ଭାରତଛାଡ଼ ଆନ୍ଦୋଳନ ଦେଖାଦେଇଥିଲା । ଏଥିରେ ଓଡ଼ିଶାର ଲୋକମାନେ ଅଭୂତପୂର୍ବ ସାହସ ଦେଖାଇଥିଲେ । ବ୍ରିଟିଶ ସରକାରଙ୍କ ଦମନଲୀଳାକୁ ଖାତିର କରି ଗୋଟିଏ ଗୋଟିଏ ସ୍ଥାନର ଲୋକେ ନିଜ ନିଜ ଅଞ୍ଚଳକୁ ସ୍ୱାଧୀନ ବୋଲି ଘୋଷଣା କରିଦେଲେ ।

୧୧. ଭାରତଛାଡ଼ ଆନ୍ଦୋଳନ ବେଳେ ଓଡ଼ିଶାର ଇରମ ପ୍ରଭୃତି ସ୍ଥାନରେ ପୋଲିସ ଆଖିବୁଜା ଗୁଳି ଚଳାଇଥିଲେ । କାରଣ ଏହିସବୁ ସ୍ଥାନର ସଂଗ୍ରାମୀମାନେ ନିଜ ନିଜ ଅଞ୍ଚଳକୁ ସ୍ୱାଧୀନ ବୋଲି ଘୋଷଣା କରିଥିଲେ ।

୧୨. କୋରାପୁଟର ଆଦିବାସୀମାନେ ଭାରତଛାଡ଼ ଆନ୍ଦୋଳନ ବେଳେ ଅଦ୍ଭୁତ ବୀରତ୍ୱ ଦେଖାଇଥିଲେ । ସେମାନଙ୍କର ନେତୃତ୍ୱ ନେଇଥିଲେ ଲକ୍ଷ୍ମଣ ନାୟକ । ତାଙ୍କୁ ଗୋଟିଏ ମିଥ୍ୟା ମକଦ୍ଦମାରେ ଜଡ଼ିତ କରାଯାଇ ଓ ଦୋଷୀ ସାବ୍ୟସ୍ତ କରାଯାଇ ଫାଶୀଖୁଣ୍ଟରେ ଝୁଲାଇ ଦିଆଗଲା ।

୧. (କ) ଜାଲିଆନାୱାଲା ହତ୍ୟାକାଣ୍ଡ—୧୯୧୯ ଏପ୍ରିଲ ୧୩ √

(ଖ) ଗାନ୍ଧିଜୀଙ୍କ ଡାଣ୍ଡି ଯାତ୍ରା—୧୯୩୦ ଏପ୍ରିଲ ୬ √

(ଗ) ଇଞ୍ଚୁଡ଼ିରେ ଲବଣ ଆଇନ ଅମାନ୍ୟ-୧୯୩୦ ଏପ୍ରିଲ ୧୩ √

(ଘ) ଭାରତ ଛାଡ଼ ଆନ୍ଦୋଳନ ଆରମ୍ଭ-୧୯୪୨ ଅଗଷ୍ଟ ନଅ √

୨. (କ) ଉତ୍କଳ ପ୍ରଦେଶ କଂଗ୍ରେସ କମିଟିର ପ୍ରଥମ ସଭାପତି-ଗୋପବନ୍ଧୁ ଦାସ √

(ଖ) ଓଡ଼ିଶାରେ ସ୍ୱାଧୀନତା ଆନ୍ଦୋଳନରେ ଫାଶୀ ପାଇଥିଲେ-ଲକ୍ଷ୍ମଣ ନାୟକ √

୩. ଅସହଯୋଗ ଆନ୍ଦୋଳନ—ଗୋପବନ୍ଧୁ ଦାସ √

ନବକୃଷ୍ଣ ଚୌଧୁରୀ √

ହରେକୃଷ୍ଣ ମହତାବ √

ଲବଣ ସତ୍ୟାଗ୍ରହ —ଆଚାର୍ଯ୍ୟ ହରିହର √

ଭାରତ ଛାଡ଼ ଆନ୍ଦୋଳନ—ଲକ୍ଷ୍ମଣ ନାୟକ √

## ୫.୯ ଉତ୍ତର ପ୍ରଦାନ ପାଇଁ ପ୍ରଶ୍ନାବଳୀ

୧. ବିଭିନ୍ନ ଆନ୍ଦୋଳନରେ ପ୍ରସିଦ୍ଧ ହୋଇଥିବା ଠିକ ସ୍ଥାନଟିକୁ ବାଛନ୍ତୁ—

ଲବଣ ଆଇନ ଅମାନ୍ୟ ଆନ୍ଦୋଳନରେ

କଟକ

ଇଞ୍ଚୁଡ଼ି

ଇରମ

ଭାରତ ଛାଡ଼ ଆନ୍ଦୋଳନରେ

ଇଞ୍ଚୁଡ଼ି

ଇରମ

ପୁରୀ

୨. ଗାନ୍ଧୀଯୁଗର ସ୍ୱାଧୀନତା ସଂଗ୍ରାମ ପ୍ରକୃତି କେବେ ଆରମ୍ଭ ହୋଇଥିଲା ଠିକ '√' ଚିହ୍ନ ଦେଇ ଦେଖାଇ ଦିଅନ୍ତୁ ।

୧୮୫୭

୧୮୧୭

୧୯୨୧

୩. ନିମ୍ନଲିଖିତ କବିତାଂଶ ବା ପଦ ସହିତ ପ୍ରବନ୍ଧ ବର୍ଣ୍ଣିତ ସ୍ୱାଧୀନତା ସଂଗ୍ରାମର କେଉଁ ତାରିଖ କଥା କୁହାଯାଇଛି, ବାଛି '√' ଚିହ୍ନ ଦିଅନ୍ତୁ ।

ଜାନୁୟାରୀର ଛବିଶ ଏଇ
ସ୍ୱାଧୀନତାର ଶପଥ ଦିନ
ତାହାରି ଶୁଭ ଆଶିଷ ନେଇ
ଏ ଦେଶ ଆଜି ତମସାହୀନ

୧୯୫୦ ଜାନୁୟାରୀ ୨୬

୧୯୩୦ ଜାନୁୟାରୀ ୨୬

୧୯୨୦ ଜାନୁୟାରୀ ୨୬

୪. ପ୍ରବନ୍ଧରେ ପ୍ରଥମ ପାରାଗ୍ରାଫଟି ଭଲ ଭାବରେ ପଢ଼ନ୍ତୁ ଓ ନିମ୍ନଲିଖିତ ପ୍ରଶ୍ନର ଉତ୍ତର ଗୋଟିଏ ପୂର୍ଣ୍ଣ ବାକ୍ୟରେ ଲେଖନ୍ତୁ—

(କ) ବ୍ରିଟିଶ ସାମ୍ରାଜ୍ୟର ପ୍ରତୀକ କଣ ?

(ଖ) ତାହା କେଉଁ ବର୍ଷ କେଉଁ ମାସ କେଉଁ ତାରିଖରୁ ଭାରତର ପତାକା ସ୍ତମ୍ଭମାନଙ୍କରେ ଆଉ ଉଡ଼ିବାର ଦେଖାଗଲା ନାହିଁ ?

(ଗ) ତାହା କାହିଁକି ସେହି ଦିନଠାରୁ ଭାରତର ପତାକା ସ୍ତମ୍ଭମାନଙ୍କରୁ ବିଦାୟ ନେଲା ?

(ଘ) ଗାନ୍ଧୀ ଯୁଗର ସ୍ୱାଧୀନତା ସଂଗ୍ରାମ କେଉଁ ବର୍ଷ ଆରମ୍ଭ ହୋଇ କେଉଁ ବର୍ଷ ଶେଷ ହେଲା ?

୫. ଓଡ଼ିଶାରେ ସ୍ୱାଧୀନତା ସଂଗ୍ରାମର ଇତିହାସରେ ଗୋପବନ୍ଧୁ ଦାସଙ୍କର ଭୂମିକା ଉପରେ ଗୋଟିଏ ଅନୁଚ୍ଛେଦ (ପାରାଗ୍ରାଫ) ଲେଖନ୍ତୁ ।

୬. ଲବଣ ସତ୍ୟାଗ୍ରହରେ ଓଡ଼ିଶାର ଭୂମିକା ସମ୍ପର୍କରେ ସଂକ୍ଷେପରେ ଆଲୋଚନା କରନ୍ତୁ ।

୭. ନିମ୍ନଲିଖିତ ବାକ୍ୟମାନଙ୍କରୁ କର୍ତ୍ତା, କ୍ରିୟା ପଦଗୁଡ଼ିକ ବାକ୍ୟ କଡ଼ରେ ଥିବା କୋଠରିରେ ଲେଖନ୍ତୁ ।

| | | |
|---|---|---|
| କଟକରେ ଗୋପବନ୍ଧୁ ଚୌଧୁରୀ ସେହି ଶପଥ ପାଠ କରାଇଲେ । | କର୍ତ୍ତା | କ୍ରିୟା |
| ଗାନ୍ଧିଜୀ କଂଗ୍ରେସ ପ୍ରତିନିଧି ଦଳର ନେତୃତ୍ୱ ନେଲେ । | କର୍ତ୍ତା | କ୍ରିୟା |
| ଆର ଉଇନ ଗାନ୍ଧୀଙ୍କ ସହିତ ଗୋଟାଏ ଅସ୍ଥାୟୀ ସନ୍ଧି ବା ଟ୍ରୁସ କରି ରାଜବନ୍ଦୀମାନଙ୍କୁ ମୁକ୍ତ କରିଦେଲେ । | କର୍ତ୍ତା | କ୍ରିୟା |
| କଂଗ୍ରେସ ଶାସିତ ପ୍ରଦେଶର ମୁଖ୍ୟମନ୍ତ୍ରୀମାନେ ଇସ୍ତଫା ଦେଇଦେଲେ । | କର୍ତ୍ତା | କ୍ରିୟା |
| ଦେଶର ଚାରିଆଡ଼େ ବିଦ୍ରୋହର ନିଆଁ ଜଳି ଉଠିଲା । | କର୍ତ୍ତା | କ୍ରିୟା |
| ଗାନ୍ଧିଜୀ ଗୋଲ ଟେବୁଲ ବୈଠକରେ ଯୋଗଦେଇ ଫେରିଲେ । | କର୍ତ୍ତା | କ୍ରିୟା |

୮. ନିମ୍ନଲିଖିତ ବାକ୍ୟଗୁଡ଼ିକରୁ ସମାପିକା ଓ ଅସମାପିକା କ୍ରିୟା ବାଛନ୍ତୁ—

(କ) ଶହ ଶହ ହଜାର ହଜାର ଲୋକ ଆଇନ ଅମାନ୍ୟ କରି ଜେଲ ବରଣ କଲେ ।

| | | |
|---|---|---|
| | ସମାପିକା | ଅସମାପିକା |
| (ଖ) ବହୁ ସଂଖ୍ୟକ ସ୍କୁଲ କଲେଜ ଛାତ୍ର ପଢ଼ା ଛାଡ଼ି ଏଇ ସଂଗ୍ରାମ ଭୂମିରେ ମୁଣ୍ଡଟେକି ଠିଆ ହେଲେ । | ସମାପିକା | ଅସମାପିକା |